ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.53 Bhubaneswar Saturday, April 03, 2021 | ୨୪ତମ ବର୍ଷ ସଂଖ୍ୟା-୫୩ ଭୁବନେଶ୍ୱର, ଶନିବାର, ଅପ୍ରେଲ ୦୩, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ପିପିଲିରେ ବିଜେପି ରାଲି ଓ ସମର୍ଥକଙ୍କୁ ଆକ୍ରମଣ ପ୍ରସଙ୍ଗ

## ୨୪ ଘଂଟାରେ କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ : ବିଜେପି

ଭୁବନେଶ୍ୱର, ୨।୪(ପି.ଏନ): ପିପିଲି-ଡେଲାଙ୍ଗ ଅଂଚଳବାସୀ ହିଂସା ଓ ଅରାଜକତାକୁ ପ୍ରତ୍ୟାଖାନ କରି ବିକାଶ ସହ ଯୋଡି ହେବା ପାଇଁ ମନ ସ୍ଥିର କରିସାରିଛନ୍ତି, ସେତେବେଳେ ଶାସକ ବିଜେଡି ପୁଣି ଥରେ ଚିରାଚରିତ ଭାବେ 'ଭୟ ଓ ହିଂସା'କୁ ଅସ୍ତ୍ର ଭାବେ ଉପଯୋଗ କରି ନିର୍ବାଚନ ହାତେଇବା ପାଇଁ ପ୍ରୟାସ ଆରମ୍ଭ କରିଦେଇଛି । ଚଳିତ ଉପ ନିର୍ବାଚନରେ ଶାସକ ବିଜେଡି ପ୍ରାର୍ଥୀଙ୍କ ଚେହେରା ବଦଳିଛି ସତ, କିନ୍ତୁ ହିଂସାର ଆଭିମୁଖ୍ୟ ବଦଳି ନାହିଁ ବୋଲି ରାଜ୍ୟ ସ୍ୱାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ କ୍ଷୋଭ ପ୍ରକାଶ କରି କହିଛନ୍ତି ।ଆଜି ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଇଗୁରୁପୁରଠାରେ ଅନୁଷ୍ଠିତ ଦଳୀୟ ପ୍ରଚାର ସମୟରେ ଯେଉଁ ଭଳି ଭାବରେ ବିଜେପି ସମର୍ଥକମାନଙ୍କୁ ଶାସକ ବିଜେଡି କର୍ମୀମାନେ ଅତର୍କିତ



ଆକ୍ରମଣ କରି ଭୟଭୀତ କରିବାର ଅପଚେଷ୍ଟା କରିଥିଲେ, ତାହା ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦନୀୟ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ଶାସକ ବିଜେଡି ଦ୍ୱାରା ଏହି ହିଂସାର ପ୍ରତିବାଦରେ ଦଳୀୟ ପ୍ରାର୍ଥୀ ଆଶ୍ରୀତ ପଟ୍ଟନାୟକଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ରାଇଗୁରୁପୁରଠାରେ ଧାରଣାରେ ବସି ରହିଥିଲେ । ଏହା ପରେ ପିପିଲି ଥାନା ପରିସରର ଭିତରେ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବୀରେ ପ୍ରାର୍ଥୀ ଶ୍ରୀ ପଟ୍ଟନାୟକ ଦଳୀୟ ନେତୃବୃନ୍ଦ ଏବଂ ସମର୍ଥକଙ୍କ ସହ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ । ଏହି ସମୟରେ ଶାସକ ବିଜେଡି କର୍ମୀମାନେ ପୁଣି ଥରେ ଥାନା ପରିସର ଭିତରକୁ ଆସି ଅଶାନ୍ତ ବାତାବରଣ ସୃଷ୍ଟି କରିଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଏସଡିପିଓ ପ୍ରମୁଖ ପିପିଲି ଥାନା ପରିସର ଭିତରେ ବିଜେପି ନେତୃବୃନ୍ଦ ଶ୍ରୀ ହରିଚନ୍ଦନ, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ଉପସଭାପତି ପ୍ରଭାତୀ ପରିଡା ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା ୨୪ ଘଂଟା ମଧ୍ୟରେ ଦୋଷୀଙ୍କୁ ଗିରଫ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରଶାସନ ପ୍ରତିଶୃତି ଦେଇଛନ୍ତି । ଏପରିକି ହିଂସାକାଣ୍ଡ ହୋଇଥିବା ଗ୍ରାମରେ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ପୋଲିସ ମୃତୟନ କରାଯିବ ବୋଲି ମଧ୍ୟ ପ୍ରତିଶୃତି ଦେଇଛନ୍ତି । ନଚେତ ପିପିଲି-ଡେଲାଙ୍ଗ ଅଂଚଳରେ ପୋଲିସ ପ୍ରଶାସନ ବିରୋଧରେ ବିଜେପି ତରଫରୁ ଆନ୍ଦୋଳନ କରାଯିବା ସହ ଘେରାଓ କରାଯିବ ବୋଲି ଶ୍ରୀ ହରିଚନ୍ଦନ ଚେତାବନୀ ଦେଇଛନ୍ତି ।

## ଓଡିଶାରେ ପହଂଚିଲେ ଉପରାଷ୍ଟ୍ରପତି, ସ୍ୱାଗତ କଲେ ରାଜ୍ୟପାଳ ଓ ନବୀନ

ଭୁବନେଶ୍ୱର, ୨।୪(ପି.ଏନ): ଶୁକ୍ରବାର ଉପରାଷ୍ଟ୍ରପତି ଏମ. ଭେଙ୍କେୟା ନାଇଡୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଂଚିଛନ୍ତି । ବିମାନବନ୍ଦରରେ ଉପରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରିଥିଲେ । ସେଠାରୁ ଏମ. ଭେଙ୍କେୟା ନାଇଡୁ ସିଧାସଳଖ ରାଜଭବନ ଯାଇଛନ୍ତି ।କଟକର ବିଜୁ ପଟ୍ଟନାୟକ ଛକ ଠାରେ ଥିବା ସାରଳା ଭବନ ପରିସରରେ ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ଏବଂ ସାରଳା ସାହିତ୍ୟ ସଂସଦର ୪୦ତମ ବାର୍ଷିକୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି ।ଶନିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହେବାକୁ ଥିବା ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ । ଅପରାହ୍ଣରେ ଉପରାଷ୍ଟ୍ରପତି ଦିଲ୍ଲୀ ଅଭିମୁଖେ ପ୍ରସ୍ଥାନ କରିବେ ।



ଭାରତର ମାନ୍ୟବର ଉପରାଷ୍ଟ୍ରପତି ଏମ. ଭେଙ୍କେୟା ନାଇଡୁ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଆଦିକବି ସାରଳାଦାସଙ୍କ ୬୦୦ତମ ବାର୍ଷିକ ପାଳନ ତଥା କଟକ ସାରଳା ସାହିତ୍ୟର ୪୦ତମ ବାର୍ଷିକ ଉତ୍ସବରେ କାଳିଙ୍ଗା ରତ୍ନ ପୁରସ୍କାର ପ୍ରଦାନ କରୁଛନ୍ତି

## କମିଲା ତାତି , ୪୩ ଡିଗ୍ରୀ ସହ ବୌଦ୍ଧ ସବୁଠାରୁ ଉତ୍ତପ୍ତ ସହର

ଭୁବନେଶ୍ୱର, ୨।୪(ପି.ଏନ): ତାତିରୁ ମିଳିଛି ସାମାନ୍ୟ ତ୍ରାହି। ମଙ୍ଗଳବାର ଦିନ ଠାରୁ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଶୁକ୍ରବାର ତାପାମାତ୍ରାରେ ସାମାନ୍ୟ ହ୍ରାସ ଘଟିଛି । ଆଜି ମାତ୍ର ୧୧ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଆଜି ରାଜ୍ୟର ବୌଦ୍ଧ ସହରରେ ତାପମାତ୍ରା ସର୍ବାଧିକ ୪୩ ଡିଗ୍ରୀ ରେକର୍ଡ କରାଯାଇଛି ।

# ଗୋଟିଏ ଦିନରେ ୪୬୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୪୬୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୪୧୭୭୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୩୭୨୧୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୫୮୬ ରହିଛି ।ଆଜି ଚିହ୍ନଟ ହୋଇଥିବା ୪୬୧ ଜଣଙ୍କ ମଧ୍ୟରୁ ୨୭୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୮୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ନୂଆପଡା ଜିଲ୍ଲାରେ ସବୁଠାରୁ ଅଧିକ ୮୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୬ ଜଣ, ବରଗଡ଼ରୁ ୩୨ ଜଣ, ଭଦ୍ରକରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩ ଜଣ, କଟକରୁ ୨୨ ଜଣ, ଗଞ୍ଜାମରୁ ୫ ଜଣ, ଯାଜପୁରରୁ ୮ ଜଣ, ଝାରସୁଗୁଡ଼ାରୁ ୧୩ ଜଣ, କଳାହାଣ୍ଡିରୁ ୩୬ ଜଣ, କନ୍ଧମାଳ ଜିଲ୍ଲାରୁ ୪ ଜଣ. କେନ୍ଦ୍ରାପଡ଼ାରୁ ୨ ଜଣ, କେନ୍ଦୁଝରରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୬୯ ଜଣ, କୋରାପୁଟରୁ ୪ ଜଣ, ମୟୂରଭଞ୍ଜରୁ ଜଣ, ନବରଙ୍ଗପୁରରୁ ୯ ଜଣ, ନୟାଗଡ଼ରୁ ଜଣେ, ନୂଆପଡ଼ାରୁ ୮୬ ଜଣ, ପୁରୀରୁ ୯ଜଣ, ରାୟଗଡ଼ାରୁ ୭ ଜଣ ସଂକ୍ରମିତଚ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୬ ଜଣ, ସୋନପୁରରୁ ୪ ଜଣ, ସୁନ୍ଦରଗଡ଼ରୁ ୬୨ ଜଣ ଓ ଷ୍ଟେଟ୍ ପୁଲରୁ ୧୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ବିଜେଡିର ୩୦ ଜଣିଆ ଷ୍ଟାର କ୍ୟାମ୍ପେନର ତାଲିକା ଘୋଷଣା

ଭୁବନେଶ୍ୱର, ୨।୪(ପି.ଏନ): ପିପିଲି ଉପନିର୍ବାଚନ ପାଇଁ ୩୦ ଜଣିଆ ଷ୍ଟାର କ୍ୟାମ୍ପେନର ତାଲିକା ଘୋଷଣା କରିଛି ବିଜୁ ଜନତା ଦଳ। ପିପିଲିରେ ବିଜେଡିର ପ୍ରଚାର ମଙ୍ଗ ସମ୍ଭାଳିବେ ନିଜେ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନବୀନଙ୍କ ବ୍ୟତୀତ ଦଳର ବହୁ ବରିଷ୍ଠ ନେତା , ମନ୍ତ୍ରୀ ଓ ବିଧାୟକଙ୍କ ନାମ ଷ୍ଟାର କ୍ୟାମ୍ପେନର ତାଲିକାରେ ରହିଛି। ଦଳ ପକ୍ଷରୁ ପ୍ରକାଶ ପାଇଥିବା ତାଲିକା ଅନୁଯାୟୀ ନବୀନ ପଟ୍ଟନାୟକଙ୍କ ବ୍ୟତୀତ ପ୍ରଣବ ପ୍ରକାଶ ଦାସ, ଦେବୀ ପ୍ରସାଦ ମିଶ୍ର, ମହେଶ୍ୱର ମହାନ୍ତି, ପିନାକୀ ମିଶ୍ର, ପ୍ରତାପ କେଶରୀ ଦେବ,ଅତନୁ ସବ୍ୟସାଚୀ ନାୟକ, ନିରଂଜନ ପୂଜାରୀ, ସଂଜୟ ଦାସବର୍ମା, ପ୍ରମିଳା ମଲ୍ଲିକ, ଅଶୋକ ପଣ୍ଡା, ସମୀର ରଂଜନ ଦାଶ, ସୁଶାନ୍ତ ସିଂ, ନବ କିଶୋର ଦାସ, ଚନ୍ଦ୍ର ସାରଥୀ ବେହେରା, ଟୁକୁନି ସାହୁ, ସ୍ନେହାଙ୍ଗିନୀ ଛୁରିଆ , ତୁଷାରକାନ୍ତି ବେହେରା, ମୁଜିବୁଲ୍ଲା ଖାନ୍, ପ୍ରୀତି ରଂଜନ ଘଡାଇ, ପ୍ରଣବ ବଳବନ୍ତରାୟ, ସୁଧୀର ସାମଲ, ବ୍ୟୋମକେଶ ରାୟ, ଉମାକାନ୍ତ ସାମନ୍ତରାୟ, ଅନନ୍ତ ନାରାୟଣ ଜେନା,ବିଭୂତି ବଳବନ୍ତରାୟ, ରାଜେନ୍ଦ୍ର ସାହୁ, ଦେବୀ ରଂଜନ ତ୍ରିପାଠୀ, ଆକାଶ ଦାସ ନାୟକ ଓ ଅରିନ୍ଦମ ରାୟ ପ୍ରମୁଖ ପିପିଲି ଉପନିର୍ବାଚନ ଲାଗି ଦଳୀୟ ପ୍ରାର୍ଥୀ ରୁଦ୍ର ପ୍ରସାଦ ମହାରଥୀଙ୍କ ପାଇଁ ପ୍ରଚାର କରିବେ।

## ଆସନ୍ତା ସପ୍ତାହରେ ଭାରତ ଆସିବେ ସ୍ୱତନ୍ତ୍ର ଜଳବାୟୁ ରାଷ୍ଟ୍ର ପ୍ରତିନିଧି

ଭୁବନେଶ୍ୱର, ୨।୪(ପି.ଏନ): ଆମେରିକାର ଉର୍ଜା ସଚିବ ଜେନିଫର ଗ୍ରାନହୋଲମ ଏକ ଟ୍ୱିଟ୍ ଜରିଆରେ "ଜୈବଇନ୍ଧନ ଏବଂ ହାଇଡ୍ରୋଜେନ ସମେତ ସବୁଜ ଉର୍ଜାର ବ୍ୟବହାରକୁ ତ୍ୱରାନ୍ୱିତ କରିବା ପାଇଁ ଭାରତ ଏବଂ ଆମେରିକାର ସହଯୋଗ ନେଇ ଥିବା ପ୍ରତିବଦ୍ଧତା' ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି । ଏ ଦିଗରେ ନିରନ୍ତର ଅଭିବୃଦ୍ଧି ଏବଂ ଏଭଳି ଅଧିକରୁ ଅଧିକ ସବୁଜ ପଦକ୍ଷେପ ମାଧ୍ୟମରେ ଦ୍ୱିପାକ୍ଷିକ ସହଯୋଗ ଦିଗରେ ମଧ୍ୟ ସେ କହିଛନ୍ତି । ଆସନ୍ତା ସପ୍ତାହରେ ସ୍ୱତନ୍ତ୍ର ଜଳବାୟୁ ରାଷ୍ଟ୍ର ପ୍ରତିନିଧି (ଏନଭଏ) ଶ୍ରୀ ଜନ୍ କେରି ମଧ୍ୟ ଭାରତ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।

## ସତ୍ୟବ୍ରତ ସାଇ ଭଜନ ଗାଇଲେ

ଭୁବନେଶ୍ୱ, ୨।୪(ପି.ଏନ): ରାଜ୍ୟସରକାରଙ୍କ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ତଥା ୧୯୯୧ ବ୍ୟାଚର ବରିଷ୍ଠ ଆଇଏଏସ ଅଧିକାରୀ ଶ୍ରୀ ସତ୍ୟବ୍ରତ ସାହୁଙ୍କ ଦ୍ୱାରା ଉତ୍କଳ ଦିବସରେ ଶିରିଡ଼ି ସାଇ ବାବାଙ୍କ ଉପରେ ଏକ ଆଧ୍ୟାତ୍ମିକ ସଙ୍ଗୀତ ଗାନ କରାଯାଇଥିଲା ଯାହାକି ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ଉନ୍ମୋଚନ ହୋଇଅଛି। ସାତ ମିନିଟର ଏହି ସଙ୍ଗୀତକୁ ନିର୍ଦ୍ଦେଶକ ବସନ୍ତ ରାଜ ସାମଲ ସ୍ୱର ଦେଇଛନ୍ତି। ଏହା ପୂର୍ବରୁ ମଧ୍ୟ ମା' ତାରାତାରେଣୀଙ୍କ ଉପରେ ସନାତନ ପଣ୍ଡାଙ୍କ ଦ୍ୱାରା ରଚିତ ଓ ବିଶ୍ୱନାଥ ମିଶ୍ରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏକ ଭକ୍ତି ସଙ୍ଗୀତରେ ଶ୍ରୀଯୁକ୍ତ ସାହୁ କଣ୍ଠଦାନ କରିଛନ୍ତି। ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ସୋନାଲି ସାହୁ ଜଣେ ସାଇ ଭକ୍ତ ତଥା ସାଇ ଭଜନ ଗାୟିକା ଏବଂ ପ୍ରବଚିକା। ଶ୍ରୀଯୁକ୍ତ ସାହୁ ଗଣଶିକ୍ଷା ବିଭାଗର ମୋ ସ୍କୁଲ ପରି ଯୋଜନାରେ କଣ୍ଠଦାନ କରି ଉଚ୍ଚ ପ୍ରଶଂସିତ । ସଙ୍ଗୀତ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ରୁଚି ରଖିଥିବା ସାହୁ ଦମ୍ପତିଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି ।



## ରାଜଧାନୀରେ କରୋନା କଟକଣା : ବିବାହ ଉତ୍ସବରେ ୧୦୦ ଜଣଙ୍କୁ ମିଳିବ ଅନୁମତି

ଭୁବନେଶ୍ୱର, ୨।୪(ପି.ଏନ): କରୋନା ସଂକ୍ରମଣରେ ବୃଦ୍ଧିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ କଟକଣାକୁ ଆହୁରି କଡାକଡି କରାଯାଇଛି । ଏନେଇ ବିଏମସି ପକ୍ଷରୁ ଶୁକ୍ରବାର ଦିନ ବିଜ୍ଞପ୍ତି ପ୍ରକାଶ ପାଇଛି । ଏପ୍ରିଲ୍ ୬ ତାରିଖ ଠାରୁ ଏହି କଟକଣା ଲାଗୁ ହେବ ବୋଲି ବିଜ୍ଞପ୍ତି ରେ ଉଲ୍ଲେଖ କରାଯାଇଛି । ବିଏମସିର ନୂଆ ଗାଇଡ୍ ଲାଇନ୍ ଅନୁଯାୟୀ ଏଣିକି ବିବାହ କାର୍ଯ୍ୟରେ ୨୦୦ ବଦଳରେ ମାତ୍ର ୧୦୦ ଲୋକଙ୍କୁ ଅନୁମତି ମିଳିବ । ସେହିପରି ଶୁଦ୍ଧିକ୍ରିୟା କାର୍ଯ୍ୟରେ ୫୦ ଜଣ ଲୋକ ଏକତ୍ର ହୋଇପାରିବେ । ଭୁବନେଶ୍ୱରରେ କୌଣସି ପ୍ରକାର ସମ୍ମିଳନୀ , ସଭା ସମାବେଶ ହୋଇପାରିବ ନାହିଁ । କୌଣସି ଅନୁଷ୍ଠାନର ରୌପ୍ୟ ବା ସୁବର୍ଣ୍ଣ ଜୟନ୍ତୀ କିମ୍ୱା ଶତବାର୍ଷିକୀ ପାଳନ କରାଯାଇପାରିବ ନାହିଁ । ଏହା ବ୍ୟତୀତ କୌଣସି ଶିକ୍ଷା ଅନୁଷ୍ଠାନ ବା ଅନ୍ୟ ଅନୁଷ୍ଠାନ ଗୁଡିକର ବାର୍ଷିକ ଉତ୍ସବ ପାଳିତ ହୋଇପାରିବ ନାହିଁ ।ଏହା ବ୍ୟତୀତ ଯେକୌଣସି କାର୍ଯ୍ୟକ୍ରମ ପାଇଁ ଆୟୋଜକ ବିଏମସି ଠାରୁ ଅନୁମତି ଆଣିବାକୁ ପଡିବ ।

## ମାଆ, ମାତୃଭାଷା ଓ ମାତୃଭୂମିକୁ ଭୁଲିଯିବା ଉଚିତ ନୁହେଁ : ଉପରାଷ୍ଟ୍ରପତି




ଭୁବନେଶ୍ୱର, ୨।୪: ମାଆ, ମାତୃଭାଷା ଓ ମାତୃଭୂମିକୁ ଆମେମାନେ ଭୁଲିଯିବା ଉଚିତ ନୁହେଁ ବୋଲି ଭାରତର ଉପରାଷ୍ଟ୍ରପତି ଏମ୍ ଭେଙ୍କେୟା ନାଇଡୁ କହିଛନ୍ତି । ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ଲିଖିତ 'ମାଇଁ ମଦର - ମାଇଁ ହିରୋ' ଇଂରାଜୀ ପୁସ୍ତକ ଶୁକ୍ରବାର ଓଡ଼ିଶା ରାଜଭବନଠାରେ ଉନ୍ମୋଚନ କରି ଏହା କହିଛନ୍ତି । ଶ୍ରୀ ନାଇଡୁ କହିଲେ, ଆମେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଜୀବନୀ ପଢ଼ିଛୁ ମାତ୍ର ଜଣେ ମାଆଙ୍କ ଜୀବନୀ ଲେଖାଯିବା ନିଶ୍ଚିତ ଭାବେ ସ୍ୱତନ୍ତ୍ର ଓ ପ୍ରେରଣାଦାୟୀ । କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟପାଳ ଗଣେଶୀଲାଲ୍ ଯୋଗଦେଇ କହିଲେ, ଆମେ କେବଳ ମାନବସେବା କରିବା ନାହିଁ, ଆମେ ମାନବିକତାକୁ ମଧ୍ୟ ପୂଜା କରିବା ଉଚିତ । ଯଥେଷ୍ଟ କମ୍ ବୟସରେ ଶ୍ରୀ ସାମନ୍ତ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ଲେଖିଛନ୍ତି ବୋଲି ଗଣେଶୀଲାଲ୍ କହିଥିଲେ । ସୂଚନାଯୋଗ୍ୟ, ଅଚ୍ୟୁତ ସାମନ୍ତଙ୍କ ମାଆ ନୀଳିମାରାଣୀ ନିଜ ସଂଘର୍ଷମୟ ଜୀବନ ମଧ୍ୟରେ ନିଜ ପିଲାଙ୍କୁ ସଫଳ ମଣିଷ କରି ଗଢ଼ି ତୋଳିବାରେ ସକ୍ଷମ ହୋଇପାରିଛନ୍ତି ଏବଂ ମାଆଙ୍କ ଜୀବନାଦର୍ଶ ଓ ମୂଲ୍ୟବୋଧକୁ ଆଧାର କରି ଲେଖକ ଅଚ୍ୟୁତ ସାମନ୍ତ କିଭଳି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଛନ୍ତି ତାହା ହିଁ ଏହି ପୁସ୍ତକର ନିଷ୍କର୍ଷ । ନିଜ ବକ୍ତବ୍ୟରେ ଶ୍ରୀ ସାମନ୍ତ କହିଛନ୍ତି ସେ ସର୍ବଦା ନାରୀଶକ୍ତିକୁ ସମ୍ମାନ ଦେଇଛନ୍ତି । ନାରୀଶକ୍ତିର ପ୍ରଭାବ ସେ ପିଲାଟି ବେଳୁ ଅନୁଭବ କରିଆସିଛନ୍ତି । ନାରୀଶକ୍ତି ସର୍ବଦା ସମାଜର ଉନ୍ନତି କରିଆସିଛି । ନାରୀଶକ୍ତିକୁ ଯେତେ ସଶକ୍ତ କରାଯିବ ଦେଶ ଓ ସମାଜର ସେତିକି ଉନ୍ନତି ହେବ ବୋଲି ଶ୍ରୀ ସାମନ୍ତ ବିଶ୍ୱାସ କରନ୍ତି । ଶ୍ରୀ ସାମନ୍ତଙ୍କ ପୁସ୍ତକଟି ନାରୀଶକ୍ତିକୁ କେନ୍ଦ୍ରକରି ଲେଖାଯାଇଛି । ଏହି ନାରୀଶକ୍ତିକୁ ବ୍ୟାଖ୍ୟା କରିବାକୁ ଯାଇ ଶ୍ରୀ ସାମନ୍ତ ନିଜ ମାଆଙ୍କ ଉଦାହରଣ ନେଇଛନ୍ତି । ନୀଳିମାରାଣୀ ଦେବୀଙ୍କ ଉଦ୍ୟମ, ଆଦର୍ଶ ଓ ପ୍ରେରଣା ଯୋଗୁଁ କଟକ ଜିଲ୍ଲାର ନିପଟ ମଫସଲ ଗାଁଆ କଲରାବାଙ୍କ ଦେଶର ପ୍ରଥମ ଆଦର୍ଶ ଗ୍ରାମ ଓ ପରେ ସ୍ମାର୍ଟ ଗ୍ରାମ କଲରାବାଙ୍କ ଏବଂ ମାଣପୁର କିଭଳି ଏକ ସ୍ମାର୍ଟ ପଞ୍ଚାୟତରେ ପରିଣତ ହୋଇପାରିଛି ସେ ସଂପର୍କରେ ଏହି ପୁସ୍ତକରେ ବିଶେଷ ଆଲୋଚନା କରାଯାଇଛି । ମାତ୍ର ୪୦ ବର୍ଷ ବୟସରେ ସ୍ୱାମୀଙ୍କୁ ହରାଇ ଅଚ୍ୟୁତଙ୍କ ମାଆ ନୀଳିମାରାଣୀ ଦେବୀ ସଂପୂର୍ଣ୍ଣ ଅସହାୟ, ନିରାଶ୍ରୟ ଓ ବେସାହାରା ହୋଇପଡ଼ିଥିଲେ । ଏକ ଟ୍ରେନ୍ ଦୁର୍ଘଟଣାରେ ଅଚ୍ୟୁତଙ୍କ ପିତା ଅନାଦି ଚରଣଙ୍କ ଅକାଳ ମୃତ୍ୟୁ ପରେ ନୀଳିମାରାଣୀଙ୍କ ଚତୁର୍ପାର୍ଶ୍ୱ ଅନ୍ଧକାର ହୋଇଯାଇଥିଲା । ନିଜର ଦୃଢ଼ ମନୋବଳ, ନିଷ୍ଠା, ସଂଘର୍ଷ ମଧ୍ୟରେ ଜୀବନ ଅତିବାହିତ କରି ଶେଷ ଜୀବନ ପର୍ଯ୍ୟନ୍ତ ନିଜ କନିଷ୍ଠ ପୁତ୍ର ଅଚ୍ୟୁତଙ୍କ ମାଧ୍ୟମରେ ସ୍ମାର୍ଟ ଗ୍ରାମ କଲରାବାଙ୍କ ଓ ସ୍ମାର୍ଟ ପଞ୍ଚାୟତ ମାଣପୁରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ରଖିଥିଲେ । ମୋଟାମୋଟି ଭାବେ ନୀଳିମାରାଣୀ ଦେବୀଙ୍କ ସଂଘର୍ଷମୟ ଜୀବନ ସହ ଅଚ୍ୟୁତ ପ୍ରତି ନୀଳିମାରାଣୀଙ୍କ ଅବଦାନ ହିଁ ପୁସ୍ତକର ମୁଖ୍ୟ ବିଷୟବସ୍ତୁ ।




ଗାୟିକା ରୋଜାଲିନ ସେନପତିଙ୍କର 'ଛଅ ଋତୁ'କୁ ନେଇ ଗୀତଟି ଡକ୍ଟର ପ୍ରସନ୍ନ ପାଟଶାଣୀଙ୍କ ସ୍ୱ-ଲିଖିତ ରଚନା । ଗୀତଟି ଅତ୍ୟନ୍ତ ହୃଦୟସ୍ପର୍ଶୀ । ସ୍ୱର ରଚନା କରିଛନ୍ତି ପ୍ରସିଦ୍ଧ ଗାୟିକା ତପୁ ମିଶ୍ର, ନିର୍ଦ୍ଦେଶନା ଦେଇଛନ୍ତି ରଞ୍ଜିତ କୁମାର ପ୍ରଧାନ, ସଙ୍ଗୀତକୁ ସଜେଇଛନ୍ତି ଦିପୁ ଦାସମହାପାତ୍ର । ଆସନ୍ତା ଓଡ଼ିଆ ନବବର୍ଷରେ ରୋଜାଲିନି ଏହି ଗୀତଟି ଓଡ଼ିଶାବାସୀଙ୍କୁ ଉପହାର ଦେବାକୁ ଯାଉଛନ୍ତି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada


# ୩ ଦିନ ଯାଏଁ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୨।୪(ପି.ଏନ): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଆଗାମୀ ୩ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ସହ ବଜ୍ରପାତ ସମ୍ଭାବନା ରହିଛି । ଶୁକ୍ରବାର ଅପରାହ୍ନ ଠାରୁ ରବିବାର ମଧ୍ୟାହ୍ନ ମଧ୍ୟରେ ରାଜ୍ୟର ବହୁ ଜିଲ୍ଲାରେ ହାଲୁକାରୁ ମଧ୍ୟମ ବର୍ଷା ସହ କିଛି ଜିଲ୍ଲାରେ କାଳବୈଶାଖୀ ସହ ଘୂର୍ଣ୍ଣିଝଡ଼ର ସମ୍ଭାବନା ରହିଥିବା ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଅପରପକ୍ଷରେ କାଳବୈଶାଖୀ ସମ୍ଭାବନା ଥିବା ୧୪ ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖି ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଜି ଅପରାହ୍ନ ଠାରୁ ଆସନ୍ତାକାଲି (ଶନିବାର) ମଧ୍ୟାହ୍ନ ମଧ୍ୟରେ ରାଜ୍ୟର କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, କନ୍ଧମାଳ, ଖୋର୍ଦ୍ଧା, ନୟାଗଡ଼, ପୁରୀ, କଟକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦ୍ରାପଡା ଓ ଭଦ୍ରକ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ଗଜପତି, ଗଞ୍ଜାମ, କନ୍ଧମାଳ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ବର୍ଷା , ବଜ୍ରପାତ ସହିତ ଘଂଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଥିବାରୁ ଏହି ୫ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।ସେହିପରି ଶନିବାର ଅପରାହ୍ନରୁ ରବିବାର ମଧ୍ୟାହ୍ନ ମଧ୍ୟରେ କଟକ, ଢ଼େଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ବାଲେଶ୍ୱର, ମୟୂରଭଞ୍ଜ, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ କାଳବୈଶାଖୀ ହେବାର ସମ୍ଭାବନା ରହିଛି । ରବିବାର ଅପରାହ୍ନରୁ ସୋମବାର ମଧ୍ୟାହ୍ନ ମଧ୍ୟରେ ରାୟଗଡା, ଗଜପତି, ଗଞ୍ଜାମ, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲାର କିଛି ସ୍ଥାନରେ ବଜ୍ରପାତ ସହିତ ଘଂଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହି କାଳବୈଶାଖୀ ହେବାର ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି । 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଚ୍ଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିଆ, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଦୃଷ୍ଟିହୀନଙ୍କର ଆଶା ବାଢ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦




ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ପର୍ଯ୍ୟବେକ୍ଷକ
PARYABEKHYAK



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ର ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧/୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ଏପ୍ରିଲ୍ ୦୩

# ଜଳ ବିବାଦ ହିଁ ଭାରତ ପାଇଁ ସମସ୍ୟା !

ଦେଶର ନଦୀ ସଂଯୋଗ ଯୋଜନାରେ ମହାନଦୀ ଓ ବ୍ରାହ୍ମଣୀ ଜାତୀୟ ଚିଠାରେ ସ୍ଥାନ ପାଇଛି । ଜନସଂଖ୍ୟା ବୃଦ୍ଧି, ବ୍ୟାପକ ସହରାୟନ, ଶିଳ୍ପାୟନ ଏବଂ ଚାଷବାସ ପାଇଁ ମଧୁରଜଳ ଆବଶ୍ୟକତା ଯଥେଷ୍ଟ ବଢ଼ିଛି । ସେ ଦୃଷ୍ଟିରୁ ଭବିଷ୍ୟତକୁ ଦୃଷ୍ଟିରେ ରଖି ଜଳର ସୁରକ୍ଷା ଓ ସୁପରିଚାଳନା ପାଇଁ ଜାତୀୟ ସ୍ତରରେ ନୀତିନିୟମ, ପଦକ୍ଷେପ ଗ୍ରହଣ କରିବାର ଯଥାର୍ଥତା ରହିଛି । ସରକାରୀ ତଥ୍ୟ ଅନୁସାରେ ଉତ୍ତରପ୍ରଦେଶ ଓ ଓଡ଼ିଶା ଜଳବଳକା ରାଜ୍ୟ । ଅନ୍ୟ ପ୍ରାୟ ସବୁ ରାଜ୍ୟ ଜଳନିଅଣ୍ଟ । ଅତଏବ ବଳକା ଅଞ୍ଚଳରୁ ପାଣିକୁ ଅମଳ କରି ନିଅଣ୍ଟିଆ ଅଞ୍ଚଳକୁ ଯୋଗାଇବାକୁ ସରକାର ଗୁରୁତ୍ୱ ଦେଉଛନ୍ତି । ଭବିଷ୍ୟତର ଆବଶ୍ୟକତା ପୂରଣ ପାଇଁ ଏକ ଜାତୀୟ ଯୋଜନା ପ୍ରସ୍ତୁତିର ଯଥାର୍ଥତାକୁ ଅବଶ୍ୟ ପ୍ରଶ୍ନ କରାଯାଇ ନପାରେ; କିନ୍ତୁ ଯୋଜନାଟି ଯଦି ବାସ୍ତବତାର ପରିପନ୍ଥୀ ହୁଏ ଓ ଏଥିରେ ଲାଭ ଅପେକ୍ଷା କ୍ଷତିର ସମ୍ଭାବନା ଅଧିକ ଅନୁମିତ ହୁଏ ତାହା ଜନବିରୋଧ ସୃଷ୍ଟି କରିବା ସ୍ୱାଭାବିକ । ଓଡ଼ିଶା ଏକ ଜଳବଳକା ରାଜ୍ୟ ବୋଲି କୁହାଯାଉଥିଲେ ହେଁ ଏହା ଅର୍ଦ୍ଧସତ୍ୟ । ବାସ୍ତବତା ହେଲା ଓଡ଼ିଶାରେ ଜଳ ସଂରକ୍ଷଣ ଓ ବିନିଯୋଗ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ ଏବଂ ଅଧିକାଂଶ ବର୍ଷାଜଳ ସମୁଦ୍ରକୁ ବୋହିଯାଏ । ଓଡ଼ିଶାର ନଦୀସମୂହ ବୃଷ୍ଟିପୁଷ୍ଟ ଏବଂ କେବଳ ବର୍ଷାଦିନେ ଏଥିରେ ଅଧିକ ଜଳ ପ୍ରବାହିତ ହୁଏ । ଅନ୍ୟ ସମୟରେ ନଦୀସବୁ ପ୍ରାୟ ଶୁଖିଯାଏ । ଦ୍ୱିତୀୟ ପ୍ରସଙ୍ଗ ହେଲା ଓଡ଼ିଶାର ନଦୀଗୁଡ଼ିକ ଉପରେ ଏକାଧିକ ଜଳଭଣ୍ଡାର (ଉଭୟ ରାଜ୍ୟ ଭିତରେ ଓ ବାହାରେ) ନିର୍ମାଣ ହେବା ଫଳରେ ସେଗୁଡ଼ିକର ସ୍ୱାଭାବିକ ଜଳପ୍ରବାହ ବିପଜ୍ଜନକ ଭାବେ ହ୍ରାସ ପାଇଛି । ଏପରିକି ଜଳଭଣ୍ଡାର ସହ ସଂଯୁକ୍ତ କେନାଲଗୁଡ଼ିକରେ ଯଥେଷ୍ଟ ଜଳପ୍ରବାହ ଆଉ ହେଉନାହିଁ । ଫଳରେ ମହାନଦୀ ସମେତ କେତେକ ଆନ୍ତଃପ୍ରାଦେଶିକ ନଦୀରେ ଜଳସଂକଟ ସୃଷ୍ଟି ହୋଇଛି । ଫଳରେ ଓଡ଼ିଶା ସମ୍ଭାବ୍ୟ ଜଳାଭାବର ସମ୍ମୁଖୀନ ହେବାକୁ ଯାଉଥିବାରୁ ଏ ନେଇ ବିବାଦ ମୁଣ୍ଡ ଟେକିଛି । ଏଭଳି ସ୍ଥିତିରେ ମହାନଦୀ ଆଦିରେ ବଡ଼ବଡ଼ ନୂଆ ଡ୍ୟାମ କରି ଦକ୍ଷିଣ ଭାରତକୁ ନଦୀ ସଂଯୋଗ ବ୍ୟବସ୍ଥାରେ ଜଳଯୋଗାଣର ଯୁକ୍ତିକୁ ଗ୍ରହଣ କରିବା ଅସମ୍ଭବ ମନେହେଉଛି । କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଓ ତାଙ୍କ ଅଧିକାରୀ-ବିଶେଷଜ୍ଞଙ୍କ ଯୁକ୍ତି ହେଲା ଉତ୍ତର ଭାରତର ଚିରସ୍ରୋତା ନଦୀଗୁଡ଼ିକୁ କେନାଲ ଯୋଗେ ଓଡ଼ିଶାର ନଦୀ ସହିତ ସଂଯୋଗ କରାଯିବ ଏବଂ ଏହାଦ୍ୱାରା ଓଡ଼ିଶାର ନଦୀସମୂହ ଚାପଗ୍ରସ୍ତ ହେବେନାହିଁ । ଯୁକ୍ତି ଦୃଷ୍ଟିରୁ ଏହା ଗ୍ରହଣୀୟ ହେଲେ ହେଁ ଏହି ଯୋଜନାରେ ଯେଉଁ ଜଳଭଣ୍ଡାର ଓ କେନାଲ ଖନନ ହେବ ତାହାର ବିପୁଳ ଅର୍ଥନୀତିକ, ପରିବେଶ ଏବଂ ସାମାଜିକ ଦିଗ ପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ବିଶ୍ୱବ୍ୟାପୀ ଏବେ ବୃହତ୍ ନଦୀବନ୍ଧ ବିରୋଧୀ ଅଭିଯାନ ଚାଲିଛି । ପ୍ରାକୃତିକ ବ୍ୟବସ୍ଥାରେ ମାନବିକ ହସ୍ତକ୍ଷେପ କରି ବଡ଼ଧରଣର ଅଦଳବଦଳ ପ୍ରକ୍ରିୟା ପରିବେଶ ଦୃଷ୍ଟିରୁ ବିପଜ୍ଜନକ ସାବ୍ୟସ୍ତ ହୋଇଛି ଓ ନଦୀ ମୃତ୍ୟୁର ମୁଖ୍ୟକାରଣ ପାଲଟିଛି । ତେଣୁ ବଡ଼ବଡ଼ ଡ୍ୟାମକୁ ଭାଙ୍ଗିଦେବାକୁ ଆନ୍ଦୋଳନ ଆରମ୍ଭ ହେଲାଣି । ସେହିଭଳି ଜଳସେଚନ ପାଇଁ କେନାଲ ମାଧ୍ୟମରେ ଜମିରେ ପ୍ରବାହ ସେଚ ବ୍ୟବସ୍ଥାକୁ କୃଷି ବିଶେଷଜ୍ଞ ଓ ଅର୍ଥନୀତିଜ୍ଞ ଏକ ବିରାଟ ଅପଚୟମୂଳକ ଯୋଜନା ବୋଲି ପ୍ରମାଣ କଲେଣି । ଏଥିରେ ଜଳର ଲୋକସାନ ଅଧିକ ହେଉଛି । ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଛୋଟ ଡ୍ୟାମ ଓ ଉଠାଜଳସେଚନକୁ ଅଗ୍ରାଧିକାର ଦିଆଯାଉଛି । ମହାରାଷ୍ଟ୍ର ସରକାର ମଧ୍ୟ ଜଳଭଣ୍ଡାରଗୁଡ଼ିକର ଶୋଚନୀୟ ସ୍ଥିତିକୁ ଦୃଷ୍ଟିରେ ରଖି ନିଜ ରାଜ୍ୟରେ କେନାଲ ଜଳସେଚନ ବ୍ୟବସ୍ଥାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏବେ ରାଜ୍ୟ-ରାଜ୍ୟ ମଧ୍ୟରେ ଜଳବଣ୍ଟନ ବିବାଦ ଉତ୍କଟ ଆକାର ଧାରଣ କରିଛି । ଜଳର ଆବଶ୍ୟକତା ଯଥେଷ୍ଟ ବଢ଼ିଯାଇଥିବାବେଳେ ସେ ଆବଶ୍ୟକତା ପୂରଣ ପାଇଁ ଆବଶ୍ୟକ ଜଳ ନାହିଁ । ବିବାଦର ସମାଧାନ କ୍ଷେତ୍ରରେ କେନ୍ଦ୍ର ସରକାର ଏକପ୍ରକାର ନିଦାବିଷ୍ଟୁ ସାଜିଛନ୍ତି । ଫଳରେ ଜଳଯୁଦ୍ଧ ଆରମ୍ଭ ହୋଇଯାଇଛି । ଏହା କ୍ରମଶଃ ଅଧିକ ଜଟିଳ ହେବା ଏକପ୍ରକାର ନିଶ୍ଚିତ । ଅଧିକାଂଶ କ୍ଷେତ୍ରରେ ନଦୀ ଜଳ ବଣ୍ଟନ ବ୍ୟବସ୍ଥା ଉପରେ କେନ୍ଦ୍ର ସରକାରଙ୍କର ବାସ୍ତବ ନିୟନ୍ତ୍ରଣ ରହୁନାହିଁ କିମ୍ବା ସରକାର ବିବାଦ ସମାଧାନ କ୍ଷେତ୍ରରେ ରାଜନୈତିକ କାରଣରୁ ନିରବତା ଅବଲମ୍ବନ କରୁଛନ୍ତି । ଭାରତରେ ଜଳ ପରିଚାଳନା ନୀତି ବା ବ୍ୟବସ୍ଥା ଆଗାମୀ ଦିନରେ ନାଟକୀୟ ଭାବେ ବଦଳିବାର ସମ୍ଭାବନା ଅଧିକ । ଏଥିପାଇଁ ଯେଉଁ ରାଜନୈତିକ ଇଚ୍ଛାଶକ୍ତି ପ୍ରକାଶ ପାଇବା କଥା ତାହା ହେଉନାହିଁ । ନଦୀ ସଂଯୋଗ ପରିକଳ୍ପନା ସରକାରଙ୍କ ପାଖରେ ଗୋଟିଏ ଗ୍ରହଣଯୋଗ୍ୟ ବ୍ୟବସ୍ଥା ହୋଇଥିଲେ ହେଁ ତାହା ବାସ୍ତବବାଦୀ ମନେହୁଏନା । ତେଣୁ ଯୋଜନାକାରମାନେ ଅନ୍ୟ ବିକଳ୍ପର ସନ୍ଧାନ କରିବା ଆବଶ୍ୟକ । ତା' ନହେଲେ ଜଳ ବିବାଦ ହିଁ ଭାରତ ପାଇଁ ଭବିଷ୍ୟତରେ ଏକ ପ୍ରକାଣ୍ଡ ସମସ୍ୟା ହେବ ।

## ଆଜିର ଅନୁଚିନ୍ତା

ସୂର୍ଯ୍ୟଙ୍କ ଭଳି ନିରପେକ୍ଷ ହୁଅ, ଗୋମାତା ଭଳି ଦୟାଶୀଳ ହୁଅ, ଫୁଲ ଭଳି ନିଜକୁ ହସ ହସ ରଖ ।

# ସନ୍ଥର ସ୍ୱଭାବ



ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ
କଳ୍ପବଟ ....

ଶିଶୁମାନଙ୍କୁ ଆମେ କହୁ ଠାକୁର । ସେମାନଙ୍କ ଭିତର ପୂରା ସଫା । ଆମ ଭିତର ଅତି ମଇଳା । କେବଳ ଶିଶୁ ନୁହେଁ, ଯୋଗମାନଙ୍କ ଭିତର ପୂରା ସଫା, ସେମାନେ ସାଧୁ । ଠାକୁର ପଦବାଚ୍ୟ । ଯେମିତି ସ୍ୱଚ୍ଛ ଦର୍ପଣରେ କିଛି ଧୂଳି ଜମାହେଇଗଲେ ପ୍ରତିବିମ୍ବ ଭଲଦେଖାଯାଏନା, ସେମିତି ଭିତରେ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ହିଂସା, ଈର୍ଷା ଭଳି ଧୂଳି ଜମା ହେଇଗଲେ ପରମାତ୍ମାଙ୍କୁ ଅନୁଭବ କରିବା ସମ୍ଭବ ନୁହେଁ । ନିର୍ମଳ ମନରେ ପରମାତ୍ମା ସ୍ପଷ୍ଟ ପ୍ରତିବିମ୍ବିତ ହୁଅନ୍ତି । ଯୋଗମାନଙ୍କ ମନ ଯେତେ ନିର୍ମଳ, ସେମାନେ ସେତେ ମହାନ । ତେଣୁ କୁହାଯାଏ ମହାପୁରୁଷମାନେ ସବୁବେଳେ ବାଲ୍ୟଚପଳତାରେ ଥାଆନ୍ତି । କେତେବେଳେ ପରମାତ୍ମାଙ୍କ ପାଇଁ କାନ୍ଦନ୍ତି ତ କେତେବେଳେ ହସିହସି ଗଡ଼ିଯାଆନ୍ତି । ସେମାନଙ୍କର ଦେହବୋଧ ନ ଥାଏ । ଏହାର ଏକ ଉଦାହରଣ । ଶ୍ରୀରାମକୃଷ୍ଣ ପରମହଂସ କୀର୍ତ୍ତନ ଶୁଣି ବିଭୋର ହୋଇ ଉଠୁଥିଲେ । ପାଗଳ ପରି ହେଉଥିଲେ । ଆଖିରେ ଧାରଧାର ହୋଇ ଲୁହ ବହିଯାଉଥିଲା । ବେଳେବେଳେ କାନ୍ଦି କାନ୍ଦି ଗଡ଼ିଯାଉଥିଲେ । ଧୂଳି-ଧୂସରିତ ଦେହକୁ ଶାରଦାମଣି ପୋଛି ଦିଅନ୍ତି । ପୁଣି କାନରେ କୀର୍ତ୍ତନର ଶବ୍ଦ ବାଜିଲେ ଯୋଉ ଦଶାକୁ ସେଇ ଦଶା । ମାଆ ମାଆ କହି ଧୂଳିରେ ଲୋଟିଯାଆନ୍ତି । ତାଙ୍କ ଭିତରେ କ'ଣ ହୁଏ ସାଧାରଣ ମଣିଷ କାହିଁକି ବୁଝିବ ? ଯିଏ ହଜିଛି, ସିଏ ବୁଝିଛି । କଲିକତାର ଗୋଟିଏ ଜାଗାରେ ବୈଷ୍ଣବମାନେ କୀର୍ତ୍ତନ କରୁଥାଆନ୍ତି । ଶ୍ରୀଚୈତନ୍ୟ ଆସିବେ । ତାଙ୍କ ପାଇଁ ସୁନ୍ଦର ଆସନ ସଜା ହୋଇଥାଏ । ସେଇଠି ବସି ଶ୍ରୀଚୈତନ୍ୟ କୀର୍ତ୍ତନକୁ ଉପଭୋଗ କରିବେ । କୀର୍ତ୍ତନ ଖୁବ୍ ସୁନ୍ଦର ଭାବରେ ଚାଲିଥାଏ । ଅନେକ ବିଭୋର ହୋଇଯାଇଛନ୍ତି । କିଛି ସମୟ ପରେ ଦେଖାଗଲା, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପାଇଁ ସଜାହୋଇଥିବା ଆସନରେ ବସିଛନ୍ତି ଶ୍ରୀରାମକୃଷ୍ଣ ପରମହଂସ । ଦେହଜ୍ଞାନ ତାଙ୍କର ନାହିଁ । ସମାଧିସ୍ଥ ହୋଇଯାଇଛନ୍ତି । ଶ୍ରୀଚୈତନ୍ୟଙ୍କ ଆସନରେ ଶ୍ରୀରାମକୃଷ୍ଣଙ୍କୁ ଦେଖି କେତେକ ପ୍ରତିବାଦ କଲେନି । କାରଣ ସେମାନେ ଜାଣିଥିଲେ ଶ୍ରୀଚୈତନ୍ୟ ଏବଂ ଶ୍ରୀରାମକୃଷ୍ଣ ପରମହଂସଙ୍କ ଭିତରେ ଫରକ ନାହିଁ । ଉଭୟ ମହାପୁରୁଷ; ତେବେ କେତେକ ପ୍ରତିବାଦ କଲେ । ବୈଷ୍ଣବ ସାଧୁ ଭଗବାନ ଦାସ ଶ୍ରୀରାମକୃଷ୍ଣଙ୍କୁ ବହୁତ ଗାଳିଦେଇଥିଲେ । ପରେ ଶ୍ରୀରାମକୃଷ୍ଣ ଦେବଙ୍କର ସମାଧି ଭାଙ୍ଗିଲା । ଭଗବାନ ଦାସ ତାଙ୍କୁ ଗାଳିଦେଇଛନ୍ତି ବୋଲି କୁହାଗଲା । ଶ୍ରୀରାମକୃଷ୍ଣଙ୍କର କିଛି ପ୍ରତିକ୍ରିୟା ନ ଥିଲା । କିଛି ଦିନ ବିତିଗଲା । ଶ୍ରୀରାମକୃଷ୍ଣ ଭଗବାନ ଦାସଙ୍କୁ ଭେଟିବାକୁ ବାହାରିଲେ । ସାଥିରେ ଥିଲେ ମାଥୁର ଏବଂ ହୃଦୟବଲ୍ଲଭ । ଗଙ୍ଗା ପାରିହୋଇ ଡଙ୍ଗା ଆରପାଖ କୂଳରେ ଲାଗିଲା । ହୃଦୟ ହାତରେ ଠାକୁର ଭଗବାନ ଦାସଙ୍କୁ ଖବର ଦେଲେ । ଭଗବାନ ଦାସ ଜାଣିଲେ ଠାକୁର ଶ୍ରୀରାମକୃଷ୍ଣ ଆସିଛନ୍ତି । ଧାଇଁ ଆସିଲେ, ସେଇଠି ଭୂମିଷ୍ଠ ହୋଇ ଲୁହ ଭିଜା ଆଖିରେ ପାଦ ଦୁଇଟିକୁ ଧରି ଭୋଭୋ କାନ୍ଦିଲେ । କ୍ଷମାପ୍ରାର୍ଥନା କଲେ । ଶ୍ରୀରାମକୃଷ୍ଣ ପରମହଂସ ବି କାନ୍ଦିକାନ୍ଦି କହୁଥାଆନ୍ତି- 'ସେଦିନ ଭଳି କୀର୍ତ୍ତନରେ ସମାଧିସ୍ଥ ହେବାର ସୁଖ ପୁଣି ଥରେ ମିଳନ୍ତାନି !' ଭଗବାନ ଦାସ କହିଲେ- 'ମୁଁ ଆପଣଙ୍କ ଭିତରେ ଗୌରାଙ୍ଗଙ୍କୁ ଦେଖିବାର ସୁଯୋଗ ପାଆନ୍ତି ।'

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଯୁଗେ ଯୁଗେ ଉତ୍କଳ...

........ଡକ୍ଟର ମନୋରଞ୍ଜନ ବିଷୋୟୀ........




*"ବର୍ଷାଣାଂ ଭାରତ ଶ୍ରେଷ୍ଠ, ଦେଶାନାଂ ଉତ୍କଳ ଶ୍ରୁତେ୍ୟ/ଉତ୍କଳସ୍ୟ ସମୋଦେଶ, ଦେଶୋନାସ୍ତି ମହୀତଳେ ।" (କପିଳ ସଂହିତା)*

ଉତ୍କଳୀୟ ସଂସ୍କୃତି ବାସ୍ତବିକ ଆପଣାର ମହନୀୟତାରେ ଦୀପ୍ତିମାନ । ଲକ୍ଷ୍ୟକଲେ ଦେଖାଯାଏ ଯେ, ଓଡ଼ିଶାର ପ୍ରାଚୀନ ସଂସ୍କୃତି ମୁଖ୍ୟତଃ ଆଦିବାସୀମାନଙ୍କ ଦ୍ୱାରା ପ୍ରଭାବିତ । ଓଡ଼ିଶାର ଆଦିମ ଅଧିବାସୀମାନେ ଥିଲେ ଶବର । ପରବର୍ତ୍ତୀ ସମୟରେ ଏଠାକୁ ଆସିଥିଲେ ଦ୍ରାବିଡ଼ । ଏହା ସହ ଓଡ଼ିଶାର ଉତ୍ତର ଦିଗରୁ ଆର୍ଯ୍ୟମାନେ ପ୍ରଥମେ ସମତଳ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଥିଲେ । ବହୁ ଆଦିମ ଅଧିବାସୀ ଜଙ୍ଗଲକୁ ସେମାନଙ୍କ ବାସସ୍ଥାନ ବାଛି ନେଇଥିବା ବେଳେ; ଅନେକ ବଶ୍ୟତା ସ୍ୱୀକାର କରି ସେମାନଙ୍କ ସେବାକାରୀ ଭାବରେ ଜୀବନ ଅତିବାହିତ କରିଥିଲେ । ଏ ପରିପ୍ରେକ୍ଷୀରେ କହିରଖେ- ପ୍ରାଚୀନ ଓଡ଼ିଶା ଥିଲା ଜୈନ ଓ ବୌଦ୍ଧଧର୍ମ ଦ୍ୱାରା ପ୍ରଭାବିତ । ପରବର୍ତ୍ତୀ ସମୟରେ ଏଠାରେ ଶୈବ, ଶାକ୍ତ ଓ ଗାଣପତ୍ୟଙ୍କ ପ୍ରଭାବ ପରିଲକ୍ଷିତ ହୋଇଥିଲା । କିନ୍ତୁ ଓଡ଼ିଶାର ରାଷ୍ଟ୍ରଦେବତା ଭାବରେ ଶବର ପୂଜିତ ଜଗନ୍ନାଥ ପ୍ରତିଷ୍ଠା ଲାଭ କରିଥିଲେ । ସୌଭାଗ୍ୟର କଥା ଓଡ଼ିଶାର ଅବସ୍ଥିତି ହେଉଛି ଉତ୍ତର ଓ ଦକ୍ଷିଣ ଭାରତର କେନ୍ଦ୍ରବିନ୍ଦୁ । କେବଳ ଭୌଗୋଳିକ ଦୃଷ୍ଟିରୁ ନୁହେଁ; ଭାଷା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ଏହା ହେଉଛି ଉତ୍ତର ଓ ଦକ୍ଷିଣ ମଧ୍ୟରେ ଏକ ସେତୁ । ଭାରତବର୍ଷରେ ପ୍ରଚଳିତ ସଂସ୍କୃତ ଭାଷା ଜନସାଧାରଣଙ୍କ ଭାଷା ନଥିଲା । ସଂସ୍କୃତ ଭାଷାକୁ ସାଧାରଣ ଲୋକଙ୍କ ସ୍ତରକୁ ଆଣିବା ନିମନ୍ତେ ଆର୍ଯ୍ୟ ପଣ୍ଡିତମାନେ ମଧ୍ୟ ତତ୍ପର ନଥିଲେ । ତେଣୁ ଲୋକମୁଖର କଥିତ ପ୍ରାକୃତ ଭାଷା ଏଠାରେ ପ୍ରଚଳିତ ଥିଲା । ଏପରିକି ଗୌତମ ବୁଦ୍ଧ ଆପଣାର ଲବ୍ଧ ସତ୍ୟକୁ ଲୋକାନୁଭବର ସ୍ତରକୁ ଆଣିବା ଉଦ୍ଦେଶ୍ୟରେ ସେହି ପ୍ରାକୃତ ଭାଷାକୁ ମାଧ୍ୟମରୂପେ ଗ୍ରହଣ କରିଥିଲେ । ସେତେବେଳେ ସଂସ୍କୃତର ପ୍ରତିଷ୍ଠିତ ଅଭିମାନ ସହିତ ପ୍ରାକୃତକୁ ଅନେକ ସଂଗ୍ରାମ କରିବାକୁ ପଡ଼ିଥିଲା । କ୍ରମେ ଗୌତମ ବୁଦ୍ଧ ପ୍ରତିଷ୍ଠିତ ହେବା ସହ ପ୍ରାକୃତ ଭାଷା ପ୍ରତିଷ୍ଠିତ ହେଲା । ତତ୍ ସଂଗେ ସଂଗେ ବୁଦ୍ଧ ପ୍ରଚାରିତ ଧର୍ମ ମଧ୍ୟ ରାଜଧର୍ମ ହେବାକୁ ଆରମ୍ଭ କରିଥିଲା । ଏସବୁ ଭିତରେ ବିଭାଷା ବୋଲି ଘୋଷିତ ହୋଇଥିବା ଓଡ଼ିଆ ପଣ୍ଡିତମାନଙ୍କ ଭାଷା; ଦେଶୀୟ ଶବ୍ଦ ସହ ଶାବରୀର ସଂଯୋଗରେ ଓଡ୍ରୀ ଭାଷା ଭାବରେ ରୂପଲାଭ କରିଥିଲା । ଶାବରୀ ହେଉଛି ଏହି ଭୂମିର ମୂଳଭାଷା । ଯେଉଁ ଭାଷାର ଜଗନ୍ତା ଶବ୍ଦ ସଂପ୍ରତି ଜଗନ୍ନାଥର ରୂପ ଧାରଣ କରିଛି ।

ଏ ପରିପ୍ରେକ୍ଷୀରେ କହିରଖେ ଅନେକ ଆଲୋଚକ ପ୍ରାଚୀନ ଦ୍ରାବିଡ଼ ଭାଷାରେ ଲବ୍ଧ 'ଓଡ୍ର' ଅର୍ଥାତ୍ 'ପଳାୟନ କରୁଥିବା ଏକ ଯୂଥ' ମଧ୍ୟରେ ଓଡ଼ିଶାର ସତ୍ତା ଖୋଜିଲାବେଳେ; ଅନ୍ୟ କେତେକ ତାମିଲ ଭାଷାରେ ଚାଷ କରୁଥିବା ଅର୍ଥରେ ବ୍ୟବହୃତ 'ଉତ୍ତୁ' ଓ ଚାଷ କରୁଥିବା ଲୋକଙ୍କୁ 'ଓକ୍କଳ' ଏବଂ ସେହି ଧାରାରେ କନ୍ନଡ଼ର ଚଷା ଅର୍ଥରେ ବ୍ୟବହୃତ 'ଓଡ଼ିସ' ଶବ୍ଦ ଭିତରୁ ଓଡ଼ିଆ ଉତ୍କଳକୁ ଖୋଜିବାର ଚେଷ୍ଟା କରିଛନ୍ତି । ପ୍ରକୃତପକ୍ଷେ କହିବାକୁ ଗଲେ ଓଡ଼ିଶା କ୍ଷୁଦ୍ର କ୍ଷୁଦ୍ର ଆଞ୍ଚଳିକ ଶାସକମାନଙ୍କ ଦ୍ୱାରା ଶାସିତ ହେଉଥିଲା । ମୁଖ୍ୟତଃ ଆଦିବାସୀ ମୁଖ୍ୟମାନେ ଥିଲେ ଏହାର ଶାସକ । ପ୍ରଶାସନିକ କେନ୍ଦ୍ରବିନ୍ଦୁର ଅଭାବରେ ଜନତା ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେବା ସହ ନାନା ଶାସକମାନଙ୍କ ଦ୍ୱାରା ଉତ୍ପୀଡ଼ିତ ହେଉଥିଲେ । ତେଣୁ ଏକ ସମୃଦ୍ଧ ଜନପଦ ଓ ସଂପନ୍ନ ଜନଗୋଷ୍ଠୀ ମଧ୍ୟରୁ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଖୋଜିବା ସମ୍ଭବ ନୁହେଁ । ଏପରିକି ସାନ୍ଧ୍ୟ ଭାଷା 'ଚର୍ଯ୍ୟାପଦ' କେବଳ ଓଡ଼ିଆ ସାଧକମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ମଧ୍ୟ ବିଶ୍ୱାସ କରାଯାଇ ନପାରେ । ପୁଣି ସାରଳା ଦାସ 'ମହାଭାରତ' କିମ୍ବା 'ଚଣ୍ଡିପୁରାଣ' ସୃଷ୍ଟି କଲାବେଳେ ଆପେ ଆପେ ଶବ୍ଦପୁଂଜ ଗଢ଼ି ନଥିଲେ । ରାଜ ଅନୁକମ୍ପା କିମ୍ବା ପଣ୍ଡିତମାନଙ୍କ ସୌଭାଗ୍ୟ ପାଇ ନ ଥିବା ଲୋକମୁଖର ଭାଷାକୁ କେବଳ ଆଦରି ନେଇଥିଲେ । ରାଜା ଓ ପଣ୍ଡିତମାନେ ସାଧାରଣ ଲୋକଙ୍କ ଠାରୁ ଆପଣାକୁ ଉଚ୍ଚରେ ରଖିବା ପାଇଁ ସଂସ୍କୃତକୁ ମାନ୍ୟତା ପ୍ରଦାନ କରିଥିଲେ । ଏହା କେବଳ ଓଡ଼ିଆ ନୁହେଁ; ଭାରତର ପ୍ରତ୍ୟେକ ଅଞ୍ଚଳର ଭାଷାକୁ ଅନୁଧ୍ୟାନ କଲାବେଳେ ଜାଣିହୁଏ । କିନ୍ତୁ ଏସବୁ ସତ୍ତ୍ୱେ ଜନପ୍ରଚଳିତ ଭାଷା ସବୁ ଉପେକ୍ଷା ଭିତରେ ମଧ୍ୟ ବଞ୍ଚି ରହିଥିଲା ଏବଂ ତାହାହିଁ ଦେଇଥିଲା ବଞ୍ଚିବାର ସରଳତମ ସୂତ୍ର । ଏହି ଧାରାରେ ଲୋକସାହିତ୍ୟର ମହତ୍ତ୍ୱକୁ ମଧ୍ୟ ଅନୁଧ୍ୟାନ କରାଯାଇପାରେ । ଲୋକ ଅଭିବ୍ୟକ୍ତି ଭିତରେ ଜାତିର ପ୍ରାଣସ୍ପନ୍ଦନ ଥିଲା ଅଧିକ ଜୀବନ୍ତ । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଓଷା, ବ୍ରତ, ଯାତ୍ରା ମାଧ୍ୟମରେ ଲୋକଭାଷା, ସଂସ୍କୃତି ଓ ପରମ୍ପରାର ଧାରାଟିକୁ ଅଧିକ ପ୍ରସାରିତ କରିଥିଲା । ଏହା ସହ ସାରଳା ଦାସ ଏକ ନୀରବ ପ୍ରତିବାଦ ମାଧ୍ୟମରେ ସଂସ୍କୃତ ସମସ୍ପର୍ଦ୍ଧି ଏକ ଦେଶଜ ପରମ୍ପରା ସୃଷ୍ଟି କରିଥିଲେ । ଯାହା ଦେଶଜ ଭାଷାରେ ଏକ ନୂଆ ପରମ୍ପରା ସୃଷ୍ଟି କରିଥିଲା । ସାରଳା ପରବର୍ତ୍ତୀ ପଞ୍ଚଦଶ ଶତାବ୍ଦୀ ବେଳକୁ ପ୍ରାନ୍ତୀୟ ଭାଷାଗୁଡ଼ିକ ଅପୂର୍ବ ସାମର୍ଥ୍ୟ ନେଇ ସମାଜରେ ଭିନ୍ନ ଏକ ପରମ୍ପରା ସୃଷ୍ଟି କରିବାର ପ୍ରୟାସ ଆରମ୍ଭ କରିସାରିଥିଲେ । ବଳରାମ ଦାସଙ୍କ 'ଜଗମୋହନ ରାମାୟଣ', ଜଗନ୍ନାଥ ଦାସଙ୍କ 'ଭାଗବତ' ଓ ଅଚ୍ୟୁତାନନ୍ଦଙ୍କ 'ହରିବଂଶ' ଏହାର ଏକ ଏକ ଶ୍ରେଷ୍ଠ ଉଦାହରଣ । ପିଣ୍ଡ ଭିତରେ ବ୍ରହ୍ମାଣ୍ଡର ପରିକଳ୍ପନା କରି ଆଧ୍ୟାତ୍ମିକତାର ପୃଷ୍ଠଭୂମି ଉପରେ ସମତାର ସମାଜ ଗଠନରେ ଏମାନେ ଥିଲେ ବ୍ରତୀ । ଜାତିଭେଦ, ଉଚ୍ଚନୀଚକୁ ଅସ୍ୱୀକାର କରି ଏକ ଅଭିନବ ଉପାୟରେ ମାନବର ଜୟଗାନ ଏମାନେ କରିଥିଲେ । ଏପରିକି ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ଓଡ଼ିଆ ପରମ୍ପରାରେ ଜୀବନାନୁସନ୍ଧାନର ଧାରାକୁ କରିଥିଲା ପ୍ରସାରିତ । ପରବର୍ତ୍ତୀ ରୀତିଯୁଗୀୟ ସ୍ରଷ୍ଟା; ପୂର୍ବବର୍ତ୍ତୀ ଯୁଗର ସମାଜ ସଂପୃକ୍ତି ମନୋଭାବକୁ ଅତି ଚତୁରତାର ସହ ଗ୍ରହଣ କରିଛନ୍ତି । ସଂସ୍କୃତ ସମସ୍ପର୍ଦ୍ଧୀ ଓଡ଼ିଆ ସାହିତ୍ୟର ମହତ୍ତ୍ୱ ବଖାଣିବାକୁ ଯାଇ ଉପେନ୍ଦ୍ର ଭଞ୍ଜ ଘୋଷଣା କରିଛନ୍ତି- 'ଘେନ ନୈଷଧ ପରାୟେ, ଉପଇନ୍ଦ୍ର କହେ/ବୁଦ୍ଧେ ପ୍ରମାଦ କରାଏ ।' ତେଲି ଭାଗବତରୁ ନୈଷଧ ସମସ୍ପର୍ଦ୍ଧୀ କାବ୍ୟ ସୃଷ୍ଟିର ଏ ଆସ୍ପର୍ଦ୍ଧାକୁ ଉପେକ୍ଷା କରିହୁଏ ନାହିଁ । ଦୀର୍ଘକାଳ ଧରି ପ୍ରାକୃତ ଭାଷାର ଅବହେଳା ଏବଂ ପ୍ରାକୃତ ସ୍ରଷ୍ଟାର ଦୁର୍ବଳ ମାନସିକତାକୁ ପରାହତ କରି ସଂସ୍କୃତ ସମସ୍ପର୍ଦ୍ଧୀ କାବ୍ୟ ସୃଷ୍ଟିର ଏକ ଅନୁପମ ଧାରାଟିଏ ଏ ସମୟରେ ସୃଷ୍ଟିଲାଭ କରିଅଛି । ବସ୍ତୁତଃ କୁହାଯାଇପାରେ ଏହାର ଶୀର୍ଷବିନ୍ଦୁରେ କବିସୂର୍ଯ୍ୟ, ବନମାଳୀ ଓ ଗୋପାଳକୃଷ୍ଣ ଅଧିକ କୁଶଳତାର ସହ ପରମ୍ପରାକୁ ଆଗେଇ ନେଇଛନ୍ତି ।

ଏହାରି ଭିତରେ କିନ୍ତୁ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଭାରତରେ ଏକ ନୂତନ ସମ୍ଭାବନା ସୃଷ୍ଟି ହୋଇଥିଲା । ୟୁରୋପୀୟ ସଂସ୍କୃତି-ବଣିକ, ଶାସକ ଏବଂ ଧର୍ମପ୍ରଚାରକଙ୍କୁ ଭାରତ ପ୍ରେରଣ କରି; ଭାରତର ଦୃଷ୍ଟିକୋଣକୁ ବିଶ୍ୱମୁଖୀ କରିପାରିଥିଲା । ନୂତନ ଆହ୍ୱାନର ସମ୍ମୁଖୀନ ହେବା ଏବଂ ପରମ୍ପରାକୁ ପୁନଃ ଅନୁଶୀଳନ କରିବା ଥିଲା ଏ ସମୟର ଆଭିମୁଖ୍ୟ । ଏପରିକି ବ୍ରିଟିଶ୍ ଶାସନ ପ୍ରତିଷ୍ଠା ଭାରତୀୟ ସଭ୍ୟତା ଓ ଜନଜୀବନରେ ଆଣିଥିଲା ଅଭିନବ ପରିବର୍ତ୍ତନ । ଏ ସମୟରେ ଭାରତୀୟ ସଭ୍ୟତା ଅଭିନବ ଯାତ୍ରା ନିମନ୍ତେ ଆପଣାକୁ ପ୍ରସ୍ତୁତ କରିଥିଲା । ଭାରତୀୟଙ୍କ ନିମନ୍ତେ ସ୍ୱାଧୀନତା ହରାଇବା ପ୍ରଥମ ଘଟଣା ନଥିଲା । କିନ୍ତୁ ଇଂରେଜ ସାମ୍ରାଜ୍ୟବାଦର ପ୍ରଭାବ; ଭାରତୀୟ ଚିନ୍ତାଧାରା ଓ ଜୀବନଧାରାକୁ ବିଶେଷ ପ୍ରଭାବିତ କରିଥିଲା । ଇଂରେଜ ଶାସନ ଦ୍ୱାରା ପାଶ୍ଚାତ୍ୟ ଦୃଷ୍ଟିକୋଣ କ୍ରମେ ଆମ ଜୀବନ ଓ ଚିନ୍ତନକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲା ।



ଏ ପରିପ୍ରେକ୍ଷୀରେ କହିରଖେ; ପ୍ରାଚ୍ୟ ଜଗତର ପ୍ରାଚୁର୍ଯ୍ୟ ଲୁଣ୍ଠନ ନିମନ୍ତେ ବ୍ୟବସାୟିକ ସଂପର୍କ ପ୍ରତିଷ୍ଠାର ପର୍ବ ଆରମ୍ଭ କରିଥିଲା ବ୍ରିଟିଶ୍ ଇଷ୍ଟଇଣ୍ଡିଆ କମ୍ପାନୀ । କିନ୍ତୁ ସମୟକ୍ରମେ ଧର୍ମପ୍ରଚାର ଓ ବାଣିଜ୍ୟ ସଂପର୍କ ସ୍ଥାପନ ଧାରାରୁ ଇଂରେଜମାନେ ବିଚ୍ୟୁତ ହୋଇ ଦେଶ ଲୁଣ୍ଠନ ଦିଗରେ ହୋଇ ଉଠିଥିଲେ ଅଧିକ ତତ୍ପର । ୧୮୦୩ ମସିହାରେ ବ୍ରିଟିଶ୍ ସାମ୍ରାଜ୍ୟର ଆଧିପତ୍ୟ ଓଡ଼ିଶା ଉପରେ ବିସ୍ତାର ଲାଭ କରିଥିଲା । ଓଡ଼ିଶା ଅଧିକାର ପରେ ନୂତନ ଶିକ୍ଷାନୀତି ପ୍ରଣୟନ, ମୁଦ୍ରଣ ଶିଳ୍ପର ବିକାଶ, ପତ୍ରପତ୍ରିକାର ପ୍ରକାଶନ, ଡାକ ଓ ରେଳ ବ୍ୟବସ୍ଥା ଓଡ଼ିଶାକୁ ଅଭ୍ୟୁଦୟ ପଥରେ ଅବସ୍ଥାପିତ କରିଥିଲା । କିନ୍ତୁ ଇଂରେଜମାନଙ୍କ ଦ୍ୱୈତଶାସନ ନୀତି, ଅର୍ଥନୈତିକ ଶୋଷଣ, ନୂତନ ଜମିଜମା ବନ୍ଦୋବସ୍ତ ତଥା ଖ୍ରୀଷ୍ଟଧର୍ମ ପ୍ରଚାର ଆଦି ସମାଜରେ ସୃଷ୍ଟି କରିଥିଲା ଘୋର ଜନ ଅସନ୍ତୋଷ । ୧୮୬୬ ମସିହା ପ୍ରଳୟଙ୍କରୀ 'ନଅଙ୍କ ଦୁର୍ଭିକ୍ଷ' ସମୟରେ ଶାସକ ଗୋଷ୍ଠୀର ଅନୁଦାର ମନୋବୃତ୍ତି ଏ ଜାତିକୁ ପୁନଃ ସଂଗଠିତ ହେବା ଦିଗରେ ଅନୁପ୍ରେରିତ କରିଥିଲା । ଏପରିକି ନୂତନ ଶାସନ ବ୍ୟବସ୍ଥା ସଂପର୍କରେ ଅନଭିଜ୍ଞ ଓଡ଼ିଶାର ଜମିଦାର ଶ୍ରେଣୀ ସୂର୍ଯ୍ୟାସ୍ତ ଆଇନ ବଳରେ ହରାଇଥିଲେ ସେମାନଙ୍କ ପ୍ରତିଷ୍ଠା । ଫଳସ୍ୱରୂପ ଇଂରେଜମାନଙ୍କ କୂଟନୀତି ଓ ହୀନ ଚକ୍ରାନ୍ତ ବିରୁଦ୍ଧରେ ୧୮୦୫ ମସିହାରେ ବିପ୍ଳବୀ ଜୟୀ ରାଜଗୁରୁ, ୧୮୧୭ ମସିହାରେ ବକ୍ସି ଜଗବନ୍ଧୁ 'ଖୋର୍ଦ୍ଧା ପାଇକ ବିଦ୍ରୋହ' ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିଥିଲେ । ବିପ୍ଳବର ବହ୍ନି କ୍ରମେ ବାଣପୁରର ବିପ୍ଳବୀ ନେତା କୃତ୍ତିବାସ ପାଟଶାଣୀ, ଘୁମୁସରର ଚକରା ବିଶୋଇ, ଦୋହରା ବିଶୋଇ, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏଙ୍କ ମାଧ୍ୟମରେ ପରିବ୍ୟାପ୍ତ ହୋଇଥିଲା । କିନ୍ତୁ ରଣକୌଶଳ ତଥା ଅସ୍ତ୍ରଶକ୍ତିରେ ଇଂରେଜମାନେ ଥିଲେ ଅଧିକ ଶକ୍ତିଶାଳୀ । ଫଳତଃ ଅଚିରେ ଏ ବିଦ୍ରୋହ ପ୍ରଶମିତ ହେବା ସହ ଏ ବିଶାଳ ଜାତି ଚରମ ଦୁଃଖ, ଦୁର୍ଦ୍ଦଶା ଭୋଗ କରିଥିଲା ।

ସମୟାନୁକ୍ରମେ ଊନବିଂଶ ଶତକର ବିଭିନ୍ନ ସମୟରେ ପ୍ରାଚୀନ ଓଡ଼ିଶାର ଅଙ୍ଗଛେଦନ ସଂଗେ ସଂଗେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଲୋପ ଦିଗରେ ସୁଚିନ୍ତିତ ଉଦ୍ୟମ କରାଯାଇଥିବା ଲକ୍ଷ୍ୟ କରିହୁଏ । ଏପରିକି ବିଦ୍ୟାଳୟ-ମାନଙ୍କରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରଚଳନ ନିମନ୍ତେ ବଙ୍ଗବାସୀଙ୍କ ପକ୍ଷରୁ ଉଦ୍ୟମ ତଥା ବାଲେଶ୍ୱର ଭର୍ଣ୍ଣାକୁଲାର ସ୍କୁଲର କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ 'ଓଡ଼ିଆ ଏକ୍‌ଟା ସ୍ୱତନ୍ତ୍ର ଭାଷା ନୟ' ଆନ୍ଦୋଳନ ଏ ଜାତିକୁ ଆତ୍ମଜାଗୃତି ଦିଗରେ ପ୍ରରୋଚିତ କରିଥିଲା । ଓଡ଼ିଆମାନଙ୍କ ସାମୂହିକ ଉଦ୍ୟମ ଫଳରେ କେବଳ ଏ ଭାଷା ସ୍ୱୀକୃତି ଲାଭ କରି ନଥିଲା; ଅନ୍ୟପକ୍ଷରେ ଆତ୍ମଜାଗୃତି ନିମନ୍ତେ ଏହା ଏକ ଉନ୍ନତ କ୍ଷେତ୍ର ପ୍ରସ୍ତୁତ କରିଥିଲା । ଏ ଦିଗରେ ଅନେକ ଯୋଗଜନ୍ମା କର୍ମବୀର, ଦେଶପ୍ରାଣ ସାହିତ୍ୟିକ, ସାମ୍ବାଦିକ, ଶିକ୍ଷା ପ୍ରସାରକ, ନାଟ୍ୟକାର, ବୁଦ୍ଧିଜୀବୀ, ସମାଜ ସଂସ୍କାରକ ଏପରିକି ସ୍ୱଦେଶପ୍ରେମୀ କେତେକ ରାଜା ଓ ଜମିଦାରଙ୍କ ନିରବଚ୍ଛିନ୍ନ, ନିଃସ୍ୱାର୍ଥପର ସାଧନା ଓ ସଂଗ୍ରାମ ବାସ୍ତବିକ୍ ପ୍ରଶଂସନୀୟ । ଗୌରୀଶଙ୍କର ରାୟ, ବୈକୁଣ୍ଠନାଥ ଦେ, ରାମଶଙ୍କର ରାୟ, ପ୍ୟାରିମୋହନ ଆଚାର୍ଯ୍ୟ, ଫକୀରମୋହନ ସେନାପତି, ରାଧାନାଥ ରାୟ ଆଦିଙ୍କ ଉଦ୍ୟମରେ ବିଧିବଦ୍ଧ ଭାବରେ ଓଡ଼ିଆ ଜାତିର ଅଭ୍ୟୁଦୟର ବାର୍ତ୍ତା ପ୍ରଚାରିତ ହୋଇଥିଲା । 'ଉତ୍କଳ ଦୀପିକା', 'ଉତ୍କଳ ଦର୍ପଣ', 'ସମ୍ବାଦ ବାହିକା', 'ସମ୍ବଲପୁର ହିତୈଷିଣୀ', 'ସ୍ୱଦେଶୀ' ଆଦି ସମ୍ବାଦପତ୍ର ଓଡ଼ିଆ ପ୍ରାଣରେ ସୃଷ୍ଟି କରିଥିଲା ଅପୂର୍ବ ପୁଲକ । ସେହିପରି ୧୮୭୧ ମସିହାରେ ଜନ୍ମ ନେଇଥିବା 'ଉତ୍କଳ ସଭା' ମଧୁସୂଦନ ଦାସଙ୍କ ପ୍ରତିନିଧିତ୍ୱରେ କ୍ରମେ ଓଡ଼ିଆମାନଙ୍କ ସମସ୍ୟାର ପ୍ରତିନିଧି ହୋଇ ଉଠିଥିଲା । ପରେ ପରେ ଶ୍ୟାମସୁନ୍ଦର ରାଜଗୁରୁଙ୍କ ଅଧ୍ୟକ୍ଷତାରେ ୧୯୦୩ ଏପ୍ରିଲ୍ ୧୧-୧୨ ତାରିଖ ବେଳକୁ ବ୍ରହ୍ମପୁରଠାରେ ମଧୁସୂଦନ ଦାସ, ରାଧାନାଥ ରାୟ, ବିଶ୍ୱନାଥ କର, ନନ୍ଦକିଶୋର ବଳ, ଗୋପାଳ ପ୍ରହରାଜ, ଫକୀରମୋହନ ନେତାପତି ଓ ଗୋପବନ୍ଧୁ ଦାସଙ୍କ ଭଳି କର୍ମବୀର, ସ୍ୱଦେଶପ୍ରେମୀଙ୍କୁ ନେଇ ଉତ୍କଳ ସମ୍ମିଳନୀର ନକ୍‌ସା ପ୍ରସ୍ତୁତ କରାଯାଇଥିଲା ଏବଂ ପରେ ୧୯୦୩ ଡିସେମ୍ବର ୩୦-୩୧ ଦୁଇଦିନ ବ୍ୟାପୀ କଟକଠାରେ ମୟୂରଭଂଜ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅଧ୍ୟକ୍ଷତାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ସମ୍ମିଳନୀର ଉଦ୍ଦେଶ୍ୟ ଥିଲା ସମସ୍ତ ଉତ୍କଳବାସୀଙ୍କ ମଙ୍ଗଳ ସାଧନ ।

ଏ ପରିପ୍ରେକ୍ଷୀରେ କହିରଖେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କ୍ଷେତ୍ରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ମଧ୍ୟ ସମସ୍ତଙ୍କୁ ବିସ୍ମିତ କରେ । କାରଣ ଇଷ୍ଟେଟ୍ ବନ୍ଧା ପକାଇ ଗୋଲଟେବୁଲ ବୈଠକରେ ଯୋଗଦେବା ଏବଂ ସେଠାରେ ସ୍ୱତନ୍ତ୍ର ପ୍ରଦେଶ ନିମନ୍ତେ ଦାବି ଉପସ୍ଥାପନ କରିବା ବାସ୍ତବିକ ଥିଲା ଏକ ସ୍ମରଣୀୟ ମୁହୂର୍ତ୍ତ । ଏଭଳି ବହୁ ଯୋଗଜନ୍ମା ପୁରୁଷଙ୍କ ଏକନିଷ୍ଠ ଉଦ୍ୟମର ଫଳସ୍ୱରୂପ ଆଜି ବିଖଣ୍ଡିତ ହେଲେ ମଧ୍ୟ ଏକ ସ୍ୱାଧୀନ, ମୁକ୍ତ ଓ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭ କରିଛି ଓଡ଼ିଆ ଜାତି ।

ପରିଶେଷରେ କେବଳ ଏତିକି କହିବି-ଏହିପରି କେତେଜଣ ଯୋଗଜନ୍ମା ସ୍ୱଦେଶୀପ୍ରେମୀ କର୍ମବୀରଙ୍କ ନିରବଚ୍ଛିନ୍ନ, ନିଃସ୍ୱାର୍ଥପର ସାଧନା ଓ ସଂଗ୍ରାମର ଫଳ ଆଜିର 'ଉତ୍କଳ' । ଯାହା ଥିଲା ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ପ୍ରଥମ । ଯେଉଁ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ଲାଭ କରିବାରେ ମଧ୍ୟ ସକ୍ଷମ ହୋଇପାରିଛି । ଆଶା ଓଡ଼ିଆ ଅସ୍ମିତାର ଏ ଜୟଯାତ୍ରା ଅବ୍ୟାହତ ରହୁ ।

*-ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର-୭୬୦୦୦୭, ସଂପର୍କ: ୮୮୯୫୧୪୧୭୨୭*

# ସ୍ୱାମୀ ନାରାୟଣ ଅକ୍ଷରଧାମ

............ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ............



ଅକ୍ଷରଧାମ ଅର୍ଥ ପରଂବ୍ରହ୍ମ ଭଗବାନଙ୍କର ଶାଶ୍ୱତ ଓ ସ୍ୱର୍ଗୀୟ ନିବାସସ୍ଥାନ । ଭଗବତ୍ ଗୀତରେ ଭଗବାନ କହିଛନ୍ତି 'ଅକ୍ଷରଂ ପରମଂ ବ୍ରହ୍ମ'- ଅକ୍ଷରଂ ଅର୍ଥାତ୍ ଯାହା ଅବିନାଶୀ ବା ନିବାଶଶୀଳ ନୁହେଁ । ତେଣୁ ଯେ ସର୍ବଶ୍ରେଷ୍ଠ । ଅବିନାଶୀ ଓ ଜଗତର ମୂଳ କାରଣ ତାଙ୍କୁ ହିଁ ବ୍ରହ୍ମ କୁହାଯାଏ । ବେଦ ଓ ଉପନିଷଦରେ ବର୍ଣ୍ଣିତ ଯେ ଯେଉଁଠି ସଦାସର୍ବଦା ପବିତ୍ରତା, ଭକ୍ତି ଓ ଶାନ୍ତି ବିରାଜମାନ କରିଥାଏ; ପ୍ରାଣୀମାନଙ୍କର ଉତ୍ପତ୍ତି ଓ ଅଭିବୃଦ୍ଧି ନିମିତ୍ତ ଯେଉଁ ଧାମ ଶ୍ରେଷ୍ଠ ତାହା ହିଁ ବ୍ରହ୍ମଙ୍କର ନିବାସସ୍ଥଳ । ସେହି ଧାମ ହିଁ 'ଅକ୍ଷର ଧାମ' । ଗୁଜୁରାଟର ଗାନ୍ଧି ନଗର ଠାରେ ଥିବା ଅକ୍ଷରଧାମ ସ୍ୱାମୀ ନାରାୟଣ ମନ୍ଦିର ବହୁ ପୂର୍ବରୁ ଦର୍ଶନ କରିଥିଲି । ଶେଷରେ ୨୦୧୮ ମସିହା ନଭେମ୍ବର ମାସରେ ଏକ ମାଙ୍ଗଳିକ ଉତ୍ସବରେ ଯୋଗ ଦେବା ପାଇଁ ଦିଲ୍ଲୀ ଯାତ୍ରା ସମୟରେ ମୁଁ ମୋର ସ୍ୱାମୀଙ୍କ ସହ ଅକ୍ଷରଧାମ ମନ୍ଦିର ଦର୍ଶନ କରିବାର ସୌଭାଗ୍ୟ ଲାଭ କଲି । ଯମୁନା ନଦୀ କୂଳରେ ଏକଶତ ଏକର ଜମି ଉପରେ, ଯାହା ଦିନେ ବାଲୁକାମୟ, ଅନୁର୍ବର ଓ କଣ୍ଟାବୁଦାରେ ପରିପୂର୍ଣ୍ଣ ଥିଲା । ତା ଉପରେ ଏହି ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ଏକ ସୁନ୍ଦର ସାଂସ୍କୃତିକ ପରିବେଶ ସୃଷ୍ଟି କରାଯାଇ ପାରିଛି । ଭଗବାନ ସ୍ୱାମୀ ନାରାୟଣଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ସମ୍ପ୍ରଦାୟର ପଞ୍ଚମଗୁରୁ ପ୍ରମୁଖ ସ୍ୱାମୀ ମହାରାଜ ତାଙ୍କ ଗୁରୁ ବ୍ରହ୍ମସ୍ୱରୂପ ଯୋଗୀଜୀ ମହାରାଜଙ୍କ ପ୍ରେରଣାରେ ମାତ୍ର ପାଞ୍ଚ ବର୍ଷ ମଧ୍ୟରେ ଏହି ବିରାଟ କଳ୍ପନାକୁ ବାସ୍ତବରେ ରୂପାନ୍ତରିତ କରି ପାରିଥିଲେ । ୨୦୦୫ ମସିହା ନଭେମ୍ବର ମାସ ଛଅ ତାରିଖରେ ଭାରତର ତତକାଳୀନ ରାଷ୍ଟ୍ରପତି ଡକ୍ଟର ଅବଦୁଲ କାଲାମ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । ଭଗବାନ ସ୍ୱାମୀ ନାରାୟଣ ଥିଲେ ଭାରତର ଆଧ୍ୟାତ୍ମିକତାର ପ୍ରଚାରକ ଓ ଜଣେ ସମାଜ ପରିବର୍ତ୍ତନକାରୀ । ସେ ୧୭୮୧ ମସିହା ଏପ୍ରିଲ ମାସ ୩ ତାରିଖରେ ଉତ୍ତର ଭାରତରେ ଅଯୋଧ୍ୟାର ସରଯୁ ନଦୀ କୂଳରେ ଥିବା ଛାପାୟା ନାମକ ଏକ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଶେଷରେ ଗୁଜୁରାଟ ସୌରାଷ୍ଟ୍ରର ଲୋକଠାରେ ଗୁରୁ ରାମାନନ୍ଦଙ୍କ ଆଶ୍ରମରେ ପହଞ୍ଚିଲେ । ସେଠାରେ ରାମାନନ୍ଦ ସ୍ୱାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କଠାରୁ ଦୀକ୍ଷା ଗ୍ରହଣ କରି ସହଜାନନ୍ଦ ସ୍ୱାମୀ ନାମ ଗ୍ରହଣ କଲେ । ମାତ୍ର ୨୧ ବର୍ଷ ବୟସରେ ସେ ରାମାନନ୍ଦ ସମ୍ପ୍ରଦାୟର ପ୍ରମୁଖ ଶିଷ୍ୟ ଭାବରେ ନିଜକୁ ପ୍ରତିଷ୍ଠା କରିପାରିଥିଲେ । ରାମାନନ୍ଦ ସ୍ୱାମୀଙ୍କ ପରେ ସହଜାନନ୍ଦ ସ୍ୱାମୀ ଆଶ୍ରମର ମୁଖ୍ୟ ହେଲେ ଓ ଆଶ୍ରମବାସୀ ତଥା ଭକ୍ତମାନଙ୍କୁ ସ୍ୱାମୀ ନାରାୟଣ ମହାମନ୍ତ୍ର ପ୍ରଦାନ କଲେ । ତା'ପରଠାରୁ ସେ ଭଗବାନ ସ୍ୱାମୀ ନାରାୟଣ ନାମରେ ପରିଚିତ ହେଲେ । ୨୧ବର୍ଷ ବୟସରୁ ୪୯ ବର୍ଷ ବୟସ ପର୍ଯ୍ୟନ୍ତ ଦୀର୍ଘ ୨୮ ବର୍ଷ ଧରି ତାଙ୍କର ୩୦୦୦ ପ୍ରମୁଖ ଭକ୍ତ ପରମହଂସମାନଙ୍କ ସହିତ ଗୁଜରାଟରେ ନୈତିକ, ସାମାଜିକ ଓ ଆଧ୍ୟାତ୍ମିକ ଜ୍ଞାନ ବିତରଣ କରି ଏକ ନୂତନ ଯୁଗର ଆରମ୍ଭ କଲେ ।



ଭଗବାନ ସ୍ୱାମୀ ନାରାୟଣ ତାଙ୍କ ରଚିତ 'ଶିକ୍ଷାପତ୍ରୀ' ନାମକ ପୁସ୍ତକରେ ଭକ୍ତ ତଥା ସଂସାରୀମାନଙ୍କ ପାଇଁ ଆଚରଣ ବିଧି କିପରି ହେବା ଉଚିତ ତାହା ଉଲ୍ଲେଖ କରିଛନ୍ତି । ତାଙ୍କର ପ୍ରବଚନ ସବୁ 'ବଚନାମୃତ' ପୁସ୍ତିକାରେ ଲିପିବଦ୍ଧ ହୋଇରହିଛି ଯେଉଁଥିରେ ସେ ମାନବ ଧର୍ମ କ'ଣ ଓ ସଂସାର ବନ୍ଧନରୁ ମୋକ୍ଷ ପାଇବାର ଉପାୟ ବତାଇ ଯାଇଛନ୍ତି । ଭଗବାନ ସ୍ୱାମୀ ନାରାୟଣ ୧୮୩୦ ମସିହାରେ ମାତ୍ର ୪୯ ବର୍ଷ ବୟସରେ ଇହଧାମ ତ୍ୟାଗ କରିଥିଲେ । ତାଙ୍କ ପରେ ତାଙ୍କ ପ୍ରଧାନଶିଷ୍ୟ ଅକ୍ଷରବ୍ରହ୍ମ ସ୍ୱାମୀ ଗୁଣାତୀତାନନ୍ଦ ସ୍ୱାମୀ ନାରାୟଣ ସମ୍ପ୍ରଦାୟର ସମସ୍ତ ଦାୟିତ୍ୱ ବହନକରି ପ୍ରଥମ ଆଧ୍ୟାତ୍ମିକ ଉତ୍ତରାଧିକାରୀ ହେବାର ସମ୍ମାନ ଲାଭ କରିଥିଲେ । ଗୁଜରାଟର ଗାନ୍ଧିନଗର ଓ ନୂଆଦିଲ୍ଲୀରେ ପ୍ରମୁଖ ସ୍ୱାମୀ ମହାରାଜାଙ୍କ ମନ୍ଦିର ପରିକଳ୍ପନା ଭାରତୀୟ ସଂସ୍କୃତି, ଦର୍ଶନ ଏବଂ ମାନବିକ ମୂଲ୍ୟବୋଧର ପରିଚୟ ପ୍ରଦାନ କରେ । ଏହାଛଡ଼ା ଲଣ୍ଡନ, ନାଇରୋବି, ଚିକାଗୋ, ହଷ୍ଟୋନ, ଆଟଲାଣ୍ଟା, ଟରଣ୍ଟୋ, ଲସ୍ ଆଞ୍ଜେଲସ୍ ଇତ୍ୟାଦି ଦେଶ ମାନଙ୍କରେ ଏହିପରି ମନ୍ଦିର ମାନ ପ୍ରତିଷ୍ଠା କରାଯାଇ ଲୋକମାନଙ୍କର ଉତ୍ତମ ଚରିତ୍ର ଗଠନ ଦିଗରେ ଅଗ୍ରାଧିକାର ଦିଆଯାଇଛି । ୨୦୧୬ ମସିହାରେ ପ୍ରମୁଖ ସ୍ୱାମୀ ମହାରାଜ ଇହଲୀଳା ତ୍ୟାଗ କଲାପରେ ବର୍ତ୍ତମାନ ମହନ୍ତସ୍ୱାମୀ ମହାରାଜ ବିଏପିଏସ୍‌ର ସାମାଜିକ ମୂଲ୍ୟବୋଧ ଓ ଆଧ୍ୟାତ୍ମିକ ଶିକ୍ଷାକୁ ପୃଥିବୀର ପ୍ରାୟ ସମସ୍ତ ଦେଶରେ ପ୍ରଚାର କରି ମଣିଷର ଚରିତ୍ର ଗଠନରେ ସହାୟକ ହୋଇଛନ୍ତି । ସ୍ୱାମୀ ନାରାୟଣ ଅକ୍ଷରଧାମ ଏକ ଐତିହାସିକ ତଥା ଧାର୍ମିକ ସ୍ମାରକୀ ଭାବେ ଭାରତୀୟ କଳା, ସଂସ୍କୃତି, ବିଜ୍ଞାନ, ସ୍ଥାପତ୍ୟବିଦ୍ୟା, ବାସ୍ତୁଜ୍ଞାନ ତଥା ଆଧ୍ୟାତ୍ମବାଦର ପରିଚୟ ପ୍ରଦାନ କରେ । ଆମ ଦେଶର ଜାତୀୟ ଗୌରବ ବହନ କରିଥିବା ଏହି ଭବ୍ୟ ମନ୍ଦିର ୩୫୬ ଫୁଟ ଲମ୍ବା, ୩୧୬ ଫୁଟ ପ୍ରସ୍ଥ ଓ ୧୪୧ ଫୁଟ ଉଚ୍ଚତା ବିଶିଷ୍ଟ ଅଟେ । ଏଥିପାଇଁ ନୂଆଦିଲ୍ଲୀରେ ସ୍ଥାନ ଗ୍ରହଣ କରିବାଠାରୁ ଆରମ୍ଭ କରି ବୈଜ୍ଞାନିକ ପଦ୍ଧତିରେ ଏହି ସ୍ଥାନର ମାଟି ପରୀକ୍ଷା କରିବା, ଏଠାରୁ ୪୦୦ କି.ମି. ଦୂର ବଂଶୀପାହାଡ଼ପୁର ଠାରୁ ପଥର ସଂଗ୍ରହ କରିବା, ୬୦୦ କି.ମି. ଦୂର ପିଣ୍ଡଭଜା, ୨୫୦ କି.ମି. ଦୂର ସିକନ୍ଦର ଏବଂ ରାଜସ୍ଥାନର ଅନ୍ୟାନ୍ୟ ୨୪ଟି ସ୍ଥାନରେ ପଥରରେ ଉପଯୁକ୍ତ କଳାକୃତି ଖୋଦେଇ କରିବା ପ୍ରଭୃତି କାର୍ଯ୍ୟ ଅନ୍ତର୍ଭୁକ୍ତ । ମନ୍ଦିର ପରିସରରେ ଦୁଇଟି ପ୍ରଦର୍ଶନୀ ଗୃହ ଅବସ୍ଥିତ । ଟିକଟ କରି ଏହି ପ୍ରଦର୍ଶନୀ ଗୃହ ମଧ୍ୟକୁ ପ୍ରବେଶ କରିବାକୁ ପଡ଼େ । ପ୍ରଥମ ଗୃହ ହଲ ଅଫ ଭାଲ୍ୟୁସ୍ ବା ସହଜାନନ୍ଦ ଦର୍ଶନ ନାମରେ ପରିଚିତ । ଏହି ପ୍ରଦର୍ଶନୀ ଗୃହରେ ପ୍ରବେଶ କଲାମାତ୍ରେ ଜୀବନ ଦର୍ଶନର ଏକ ଅତ୍ୟନ୍ତ ଉପାଦେୟ ସନ୍ଦେଶ ମିଳିଥାଏ । ଯାହା ହେଲା ନିଜ ହାତରେ ନିଜକୁ ଗଢ଼ିବାର ପ୍ରୟାସ । ଏଠାରେ ଦେଖିବାକୁ ମିଳେ ଜଣେ ଶିଳ୍ପୀ ଗୋଟିଏ ପଥରରୁ ନିହାଣ ଓ ହାତୁଡ଼ି ସାହାଯ୍ୟରେ ନିଜର ମୂର୍ତ୍ତି ନିର୍ମାଣ କରୁଥିବାର ଦୃଶ୍ୟ । 'ଭକ୍ତିଦ୍ୱାର' ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ନିବିଡ ସମ୍ପର୍କ ବିଷୟରେ ସୂଚନା ପ୍ରଦାନ କରେ । ସନାତନ ଧର୍ମରେ ଭକ୍ତି ମାର୍ଗକୁ ଈଶ୍ୱର ପ୍ରାପ୍ତି ନିମନ୍ତେ ସହଜ ରାସ୍ତା ବୋଲି ବର୍ଣ୍ଣନା କରାଯାଇଛି । ଏଥିରେ ଖୋଦିତ ୨୦୮ଟି ମୂର୍ତ୍ତି ଭକ୍ତିମାର୍ଗର ଉତ୍କର୍ଷତା ପ୍ରଦର୍ଶନ କରୁଛନ୍ତି ।

ସ୍ୱାମୀ ନାରାୟଣ ମନ୍ଦିରର ବାହ୍ୟ ପ୍ରାଚୀର 'ମାଣ୍ଡୋଭର' ନାମରେ ପରିଚିତ । ଏହାର ଉଚ୍ଚତା ୨୫ଫୁଟ ଓ ଲମ୍ବ ୬୧୧ ଫୁଟ । ଏହା ଭାରତର ବୃହତ୍ତମ ପ୍ରାଚୀର । ଏଥିରେ ୨୦୦ କାରୁକାର୍ଯ୍ୟପୂର୍ଣ୍ଣ ପ୍ରସ୍ତର ମୂର୍ତ୍ତି ସ୍ଥାନ ପାଇଛି । ମନ୍ଦିର ପରିସରରେ ଥିବା 'ଭାରତ ଉପବନ'ରେ ଆମ ଦେଶର ସଂସ୍କୃତି ଓ ଇତିହାସକୁ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଛି । ଏଥି ମଧ୍ୟରେ ଭାରତର ପୁରାଣ ପ୍ରସିଦ୍ଧ ବାଳକମାନଙ୍କ ଉପାଖ୍ୟାନ ରଙ୍ଗବେରଙ୍ଗ ମୂର୍ତ୍ତି ମାଧ୍ୟମରେ ବର୍ଣ୍ଣିତ ହୋଇଅଛି । ମନ୍ଦିର ପରିସରରେ 'ଯୋଗୀ ହୃଦୟ କମଳ' ଏକ ସୁନ୍ଦର ଦର୍ଶନୀୟ ସ୍ଥାନ । ଏହାର ଆକୃତି ଆଠଟି ପାଖୁଡା ବିଶିଷ୍ଟ ପୂର୍ଣ୍ଣ ପ୍ରସ୍ଫୁଟିତ ଏକ କମଳ ପୁଷ୍ପପରି । ପ୍ରତ୍ୟେକ ପାଖୁଡ଼ା ମଧ୍ୟରେ ତିନିଗୋଟି ପଥରରେ ଯୋଗୀ ମହାପୁରୁଷ ମାନଙ୍କର ଉପଦେଶାବଳୀ ଖୋଦିତ ହୋଇଅଛି । ଆମ ଭ୍ରମଣର ସବୁଠାରୁ ଆନନ୍ଦଦାୟକ ଅନୁଭୂତି ହେଲା ମନ୍ଦିର ପ୍ରାଙ୍ଗଣରେ 'ବୋଟ ରାଇଡ'ର ବ୍ୟବସ୍ଥା । ଏହାକୁ 'ସଂସ୍କୃତି ବିହାର' ବୋଲି ନାମକରଣ କରାଯାଇଛି । ଏଥିରେ ଆମ ପୂର୍ବ ପୁରୁଷଙ୍କ ସ୍ମୃତିରେ ତାଙ୍କ ବିଷୟକ ଜୀବନଶୈଳୀ ଉଦଜୀବିତ କରାଯାଇଛି । ୧୫ମିନିଟ ମଧ୍ୟରେ ଦଶହଜାର ବର୍ଷର ଆମର ଅତୀତକୁ ସଂକ୍ଷେପରେ ଗଳ୍ପ ଆକାରରେ ପ୍ରଦର୍ଶନ କରାଯାଇଥିବା ଦୁଇପାର୍ଶ୍ୱରେ ଦେଖିବାକୁ ମିଳେ । ଅକ୍ଷରଧାମ ସ୍ୱାମୀନାରାୟଣ ମନ୍ଦିର ପରିଭ୍ରମଣରୁ ଆମର ଉପଲବ୍ଧି ହେଲା ଯେପରି ଏଠାରେ ଭାରତର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଏକ ଗୌରବମୟ ସମ୍ମିଶ୍ରଣ ହୋଇଅଛି । ଏହା ପୃଥିବୀର ସର୍ବବୃହତ୍ ହିନ୍ଦୁ ମନ୍ଦିର ରୂପେ ଗିନିସ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ଼ରେ ସ୍ଥାନ ପାଇଥିବା ଯଥାର୍ଥ ବୋଲି ସମସ୍ତେ ନିଶ୍ଚୟ ସ୍ୱୀକାର କରିବେ । ଜଣେ ବିଶିଷ୍ଟ ପର୍ଯ୍ୟଟକଙ୍କ ମତରେ ଯେତେ ପରିମାଣରେ ଅର୍ଥ ଓ ସାମର୍ଥ ଥିଲେ ମଧ୍ୟ ଏପରି ଏକ ମନ୍ଦିର ନିର୍ମାଣ କରିବା ଅସମ୍ଭବ । ଏହା କେବଳ ପ୍ରମୁଖ ସ୍ୱାମୀ ମହାରାଜାଙ୍କ ଐଶ୍ୱରୀୟ ଶକ୍ତି ଓ ଦୂରଦୃଷ୍ଟି ଯୋଗୁ ସମ୍ଭବ ହୋଇପାରିଛି । ଏଥି ସହିତ ବିଏପିଏସ୍‌ର ସଦସ୍ୟମାନଙ୍କ ପବିତ୍ର ଚିନ୍ତା ଓ ଆଦର୍ଶ ପରିଚାଳନା ଏହି ଅସମ୍ଭବକୁ ସମ୍ଭବ କରିପାରିଛି । ଆଉ ଜଣେ ପର୍ଯ୍ୟଟକଙ୍କ ମତରେ ଅକ୍ଷରଧାମ ଏପରି ଏକ ସ୍ଥାନ ଯେଉଁଠି ମଣିଷ ଶାନ୍ତି, ଆନନ୍ଦ ଓ ଆତ୍ମବିଶ୍ୱାସ ଲାଭ କରିପାରିବ । ଅକ୍ଷରଧାମ ଦର୍ଶନ କଲେ ମନରେ ଶ୍ରଦ୍ଧା ଓ ଆତ୍ମ ବିଶ୍ୱାସ ଥିଲେ ମଣିଷ ପକ୍ଷରେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ ବୋଲି ପ୍ରତୀୟମାନ ହୁଏ । ଅନେକ ପର୍ଯ୍ୟଟକଙ୍କ ମତରେ ଏହା 'ଝଷ୍ଵବସକ୍ଷଙ୍ଗବଛ ଖ୍ଷକ୍ଷ ଐରବଙ୍ଗରଭ' ଏହା ସତ୍ୟଂ ଶିବଂ ସୁନ୍ଦରମ୍ । ନୀତିଶିକ୍ଷା ସମ୍ବଳିତ ଏହି ସ୍ଥାନ ପର୍ଯ୍ୟଟକମାନଙ୍କ ଭ୍ରମଣ ତଥା ସ୍ୱର୍ଗୀୟ ସୁଖ ଲାଭ କରିବା ପାଇଁ ଏକ ଯୋଗ୍ୟ ସ୍ଥାନ ବୋଲି ପ୍ରତୀୟମାନ ହେଲା । ପୁଣି କେବେ ଦିଲ୍ଲୀ ଯାତ୍ରାର ସୁଯୋଗ ମିଳିଲେ ପୁଣିଥରେ ଅକ୍ଷରଧାମ ଯାତ୍ରା କରିବା ପାଇଁ ମୁଁ ଭଗବାନ ସ୍ୱାମୀ ନାରାୟଣଙ୍କ ଚରଣରେ ବିନତି କରୁଛି ।

*-ଫ୍ଲାଟ ନଂ.-୧୦୮୨/ଡ଼ି, ସିଡିଏ, ସେକ୍ଟର-୬, କଟକ, ଦୂରଭାଷ : ୯୮୬୧୩୫୫୬୨୮*




# କ୍ଷେତରୁ ବୃଦ୍ଧଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ଘଟଣା : ଗୁଣିଆ ସନ୍ଦେହରେ ହତ୍ୟା, ୫ ଅଟକ

ଗଞ୍ଜାମ: ଗଞ୍ଜାମ ଜିଲ୍ଲା ବଡଗଡ଼ ଥାନା ଅନ୍ତର୍ଗତ କଇଥଖୋଲା ଦଣ୍ଡା ଗାଁ ନିକଟ କ୍ଷେତ ମଧ୍ୟରୁ ଗତକାଲି ଜଣେ ବୃଦ୍ଧଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ହୋଇଥିଲା । ତାଙ୍କୁ ସଂଘବଦ୍ଧ ଆକ୍ରମଣ ସହ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡିଛି । ମୃତକ ଜଣକ ହେଲେ ସେହି ଥାନା ଅନ୍ତର୍ଗତ ଡ଼ିମିରିପଙ୍କାଳ ଗ୍ରାମର ଧର୍ମା ନାୟକ (୭୨) । ତାଙ୍କ ଛାତିକୁ ପଥରେ ଛେଚା ଯାଇଥିବା ବେଳେ ଶବ ନିକଟରୁ ଏକ ହାତୁଡ଼ି ଉଦ୍ଧାର ହୋଇଛି । ପୋଲିସର ପ୍ରାଥମିକ ତଦନ୍ତରୁ ମିଳିଥିବା ସୂଚନା ପ୍ରକାରେ ଧର୍ମା ଗାଁରେ ପୂଜାପାଠ କରୁଥିଲେ । ତାଙ୍କ ସହିତ କାହାରି କୌଣସି ବିବାଦ ନଥିଲା । ଏହା ସହିତ ଗୁଣି ଗାରେଡ଼ି ନେଇ ତାଙ୍କ ଉପରେ କେହି ସନ୍ଦେହ ମଧ କରୁନଥିଲେ । ତେବେ ହଠାତ୍ ଗତ କିଛି ଦିନ ହେଲା ବିଭିନ୍ନ କାରଣରୁ ଗ୍ରାମର କିଛି ଲୋକଙ୍କ ମୃତ୍ୟୁ ହୋଇଥିଲା । ଫଳରେ ଧର୍ମା ଗୁଣିଗାରେଡ଼ି କରିଛନ୍ତି ବୋଲି ଗ୍ରାମବାସୀ ତାଙ୍କ ଉପରେ ସନ୍ଦେହ କରିଥିଲେ । ଘଟଣା ଦିନ ଧର୍ମା ଗାଁ ଛକକୁ ଜଳଖିଆ ଖାଇବାକୁ ଆସି ଘରକୁ ଫେରିନଥିଲେ । ହୋଲି ଦିନ ତାଙ୍କ ଶବ ଗ୍ରାମ ଠାରୁ ୧ କି.ମି. ଦୂରରେ କଇଥଖୋଲା ଦଣ୍ଡା ଗାଁ ନିକଟ କ୍ଷେତ ମଧ୍ୟରୁ ଉଦ୍ଧାର ହୋଇଥିଲା । ପରିବାର ଲୋକେ ଘଟଣାସ୍ଥଳରେ ପହଂଚି ଧର୍ମାଙ୍କ ଶବ ଚିହ୍ନଟ କରିଥିଲେ । ଛାତି ଉପରେ ଏକ ବଡ଼ ପଥର ପଡିଥିବା ବେଳେ ଶବ ନିକଟରେ ଏକ ହାତୁଡ଼ି ପଡିଥିବା ଦେଖିବାକୁ ମିଳିଥିଲା । ସଂଘବଦ୍ଧ ଭାବେ ଧର୍ମାଙ୍କୁ ଆକ୍ରମଣ କରି ହତ୍ୟା କରାଯାଇଥିବା ନେଇ ପୋଲିସ ଅନୁମାନ କରୁଛି । ଏଏସପି ବିଜୟ କୁମାର ମଲ୍ଲିକ, ଆସିକା ଏସଡ଼ିପିଓ ସୂର୍ଯ୍ୟମଣି ପ୍ରଧାନ ଓ ବଡ଼ଗଡ଼ ଥାନା ଅଧିକାରୀ ପ୍ରତାପ କୁମାର ତ୍ରିପାଠୀ ଘଟଣାର ତଦନ୍ତ ଚଳାଇଛନ୍ତି । ସାଇଂଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାର ଛାନଭିନ୍ କରାଯାଇଛି । ଖୁବ୍ ଶୀଘ୍ର ମାମଲାରେ ଜଡ଼ିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି । ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ୫ ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଜାରୀ ରଖିଛି ପୋଲିସ । ଏନେଇ କେସ୍ ନଂ ୮୨/୨୧ ରେ ଏକ ମାମଲା ରୁଜୁ ହୋଇଛି ।

## କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅନ୍ତର୍ଗତ ବିବାଦୀୟ କୋଟିଆ ପଂଚାୟତ କାର୍ଯ୍ୟାଳୟରେ ଉତ୍କଳ ଦିବସ ପାଳିତ

ଜୟପୁର: କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅନ୍ତର୍ଗତ ବିବାଦୀୟ କୋଟିଆ ପଂଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳ ଅବଦଲ ଆକ୍ତରଙ୍କ ନିର୍ଦ୍ଦେଶକ୍ରମେ ପଂଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗିଙ୍କ ଅଧ୍ୟକ୍ଷତାରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ପିତମ ପାଢ଼ୀ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ପିଡିଡିଆରଡିଏ ପ୍ରବୀର ନାୟକ, ଉପ ଜିଲ୍ଲାପାଳ ଲଳିତ କୁମାର କହଁର, ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଅତିଥି ବୃନ୍ଦ କୋଟିଆ ପଂଚାୟତର ସମସ୍ତ ଗ୍ରାମବାସୀଙ୍କ ଉପସ୍ଥିତିରେ ପତାକା ଉତୋଳନ କରିବା ସହ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଏହି ଅବସରରେ ଅତିଥିବୃନ୍ଦ ଉତ୍କଳ ଦିବସ ବିଷୟରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ବିଭିନ୍ନ ସଂଗଠନର ନେତୃବୃନ୍ଦ ସହ ମୁଖ୍ୟ ଅତିଥିଭାବେ ଓଡ଼ିଶାରେ ମିଶିବା ନିମନ୍ତେ ଚାହୁଁଥିବା ସାଲୁର ମଣ୍ଡଳର ପୂର୍ବତନ ଅଧ୍ୟକ୍ଷ ତଥା କୋଡ଼ମା ପଂଚାୟତର ନେତା ସାଲୁର ବ୍ଲକ୍ ଅଧ୍ୟକ୍ଷ ମାଳତି ଦୋରା ଯୋଗଦାନ କରିଥିଲେ । ଉକ୍ତ ସଭାରେ ସମ୍ମାନିତ ଅତିଥିଭାବେ ପଟାଙ୍ଗି ବିଧାୟକ ପିତମ ପାଢ଼ୀ, ପୂର୍ବତନ ଜିଲ୍ଲାପାଳ ଗଦାଧର ପରିଡ଼ା, ଉପଜିଲ୍ଲାପାଳ ଲଳିତ କୁମାର କହଁର, ପଟାଙ୍ଗି ବ୍ଲକ ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି ପ୍ରମୁଖ ଯୋଗଦାନ କରିଥିଲେ ।

# କେନ୍ଦୁଝରରେ ଓଡିଶା ଦିବସ ପାଳନ ଅବସରରେ ମାତୃଭୂମି ଓ ମାତୃଭାଷାକୁ ଭଲପାଇବାକୁ ଅତିଥିଙ୍କ ପରାମର୍ଶ

କେନ୍ଦୁଝର: ୮୬ତମ ଓଡିଶା ଦିବସ ଗୁରୁବାର ଦିନ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରେ ପାଳିତ ହୋଇଯାଇଥିବା ବେଳେ ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଅତିଥି ଓ ବକ୍ତାମାନେ ମାତୃଭୂମି ଓ ମାତୃଭାଷାକୁ ଭଲ ପାଇବାକୁ ଆହ୍ୱାନ ଦେଇଛନ୍ତି । ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ କମଳିନୀ ପାତ୍ର ତାଙ୍କ ବକ୍ତବ୍ୟରେ ଓଡିଆ ଜାତିର ସ୍ୱାଭିମାନକୁ ସର୍ବଦା ବଜାୟ ରଖିବା ନିମନ୍ତେ ପ୍ରତ୍ୟେକ ଓଡିଆ ସଂକଳ୍ପ ନେବାକୁ ଆହ୍ୱାନ ଦେ-ଇଥିଲେ । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ତ୍ୟାଗ ଓ ବଳିଦାନ ରଖିଥିବା ଉତ୍କଳର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ସମୃଦ୍ଧ ଓଡିଶା ଗଠନ ନିମନ୍ତେ ଅଙ୍ଗୀକାରବଦ୍ଧ ହେବାକୁ ଆହ୍ୱାନ ଜଣାଇଥିଲେ । ଭାଷଣପ୍ରସଙ୍ଗରେ ଉତ୍କଳର ପୂର୍ବ ଗୌରବ, ପୂର୍ବ ମହିମାକୁ ମନେ ପକାଇ ନିଜ ମାଆକୁ, ମାଟିକୁ ଓ ଜାତିକୁ ଭଲ ପାଇଲେ ଓଡିଶାର ଓ ଓଡିଆମାନଙ୍କର ମର୍ଯ୍ୟାଦା ବିଶ୍ୱ ଦରବାରରେ ବୃଦ୍ଧି ପାଇବ ବୋଲି କହିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ଓଡିଶା ଦିବସ ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇ ନିଜ ଅଭିଭାଷଣରେ ଜିଲ୍ଲା ତଥା ରାଜ୍ୟର ଉନ୍ନତି ଦିଗରେ ଓଡିଶା ଦିବସ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଭାଷଣପ୍ରସଙ୍ଗରେ ଜିଲ୍ଲାପାଳ କହିଥିଲେ ଯେ ଓଡିଶାରେ ସାଂସ୍କୃତିକ ବିଭିଧତା ରହିଥିଲେ ମଧ ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠା ହୋଇପାରିଛି ଯାହାକି ଓଡିଶାର ଭୂଷଣ । ସଂସ୍କୃତି ଗୋଟିଏ ଜାତିର ଆଧାର ଓ ସମାଜର ଭିତିଭୂମି । ସଂସ୍କୃତି ଓ ଭାଷା ସମୃଦ୍ଧ ହେଲେ ରାଜ୍ୟ ସମୃଦ୍ଧ ହେବ । ଓଡିଶାର ସାଂସ୍କୃତିକ ପ୍ରାଚୁର୍ଯ୍ୟ ଏବଂ ସୌନ୍ଦର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ଏହା ସମଗ୍ର ଭାରତ ବର୍ଷରେ ସ୍ୱତନ୍ତ୍ର ମର୍ଯ୍ୟାଦା ହାସଲ କରିଛି । ଓଡିଆ ଭାଷାର ପ୍ରାଚୀନତା ଓ ଗାରିମା ଯୋଗୁ ଏହା ଶାସ୍ତ୍ରୀୟ ମାନ୍ୟତା ପାଇଛି, ଯାହାକି ପ୍ରତ୍ୟେକ ଓଡିଆ ପାଇଁ ଗର୍ବ ଓ ଗୌରବର ବିଷୟ । ଏହାକୁ ଅଧିକ ରଦ୍ଧିମନ୍ତ କରିବାକୁ ପ୍ରତ୍ୟେକ ବ୍ୟକ୍ତି ପ୍ରତିବଦ୍ଧତା ରଖିବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଏତଦ୍‌ବ୍ୟତୀତ ଓଡିଶା ବିଭିନ୍ନ କ୍ଷେତ୍ରରେ ଦେଶରେ ତଥା ବିଶ୍ୱରେ ସୁନାମ ଅର୍ଜନ କରି ଉଦାହରଣ ସାଜିବା ଓଡିଶାବାସୀଙ୍କ ପାଇଁ ଗୌରବାବହ ଘଟଣା । ଏଣୁ ଏ ଦିଗରେ ରାଜ୍ୟବାସୀ ଅନୁପ୍ରାଣିତ ହେଲେ ଓଡିଶାର ଅଶେଷ ମଙ୍ଗଳ ହେବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ । ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶ ଡ଼ଃ ଉଦ୍ଧବ ଚନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ନାୟକ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବିଜନ କୁମାର ଥମ୍ବ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ମାଆ ହେଉଛି ଆମର ପରିଚୟ ଏବଂ ମାତୃଭୂମି ଓଡିଶା ଆମର ମାଆ ଓ ଓଡିଶା ଦିବସ ହେଉଛି ପ୍ରତ୍ୟେକ ଓଡିଆ ପାଇଁ ସ୍ପର୍ଦ୍ଧା, ସ୍ୱାଭିମାନ ଏବଂ ଅସ୍ମିତାର ପ୍ରତୀକ । ଓଡିଶା ଦିବସ ପ୍ରତ୍ୟେକ ଓଡିଆକୁ ଏହାର ସଂସ୍କୃତି, ଐତିହ୍ୟ ଓ ପରଂପରାର ସୁରକ୍ଷା ଦେବା ପାଇଁ ପ୍ରେରଣା ଯୋଗାଇବ । ମାତୃଭୂମି ଓ ମାତୃଭାଷା ପ୍ରତି ମମତା ରଖିଲେ ଓଡିଆ ଜାତି ଉନ୍ନତିର ଚରମ ସୀମାରେ ପହଂଚିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ଓଡିଆ ନିଜ ପାଇଁ ଓଡିଆ ଭାବରେ ଶକ୍ତିଶାଳୀ ପରିଚୟ ତିଆରି କରିବାକୁ ଆହ୍ୱାନ ଦେଇଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଇତିବୃତି ସଂପର୍କରେ ଆଲୋକପାତ କରି ପ୍ରତ୍ୟେକ ଓଡିଆ ନିଜ ନିଜର ଆଚରଣରେ, ଉଚ୍ଚାରଣରେ ଓଡିଆ ପ୍ରତି ଓ ଓଡିଶା ପ୍ରତି ମମତା ରଖିବାକୁ ନିବେଦନ କରିଥିଲେ । ପ୍ରତ୍ୟେକ ଓଡିଆ ଯେଉଁଠି ଥିଲେ ବି ନିଜକୁ ଓଡିଆ ଭାବେ ପରିଚୟ ଦେଇ ଗର୍ବ କରିବାକୁ ନିବେଦନ କରିଥିଲେ । ଓଡିଶା ଗଠନରେ ଯେଉଁ ଯୋଗଜନ୍ମା ମହାପୁରୁଷମାନେ ତ୍ୟାଗ ଓ ତିତିକ୍ଷାର ଉଦାହରଣ ସୃଷ୍ଟି କରିଛନ୍ତି ତାହା ପ୍ରତ୍ୟେକ ଓଡିଆଙ୍କୁ ସବୁବେଳେ ଅନୁପ୍ରାଣିତ କରୁଥିବ ବୋଲି କହିଥିଲେ । ଏତଦ୍‌ବ୍ୟତୀତ ଜଗନ୍ନାଥ ସଂସ୍କୃତି ଓଡିଶା ସଂସ୍କୃତିକୁ କିପରି ରଦ୍ଧିମନ୍ତ କରି ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ତାହା ଅବତାରଣା କରି ଓଡିଶାର ପୂର୍ବ ଗୌରବ, ପୂର୍ବ ମହିମାକୁ ମନେ ପକାଇ ସମୟ ଚକ୍ରରେ ଖଣ୍ଡ ବିଖଣ୍ଡିତ ହୋଇଯାଇଥିବା ଓଡିଆ ଭାଷାଭାଷୀ ଅଂଚଳକୁ ନେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାରେ ଯେଉଁ ମହାମନିଷୀମାନେ ଅସୀମ ତ୍ୟାଗ, ଅପୂର୍ବ ସାହସ ଦେଖାଇଛନ୍ତି ସେମାନଙ୍କ ନିକଟରେ ଓଡିଆ ଜାତି ସବୁବେଳେ ଋଣୀ ହୋଇ ରହିବ ବୋଲି କହିଥିଲେ । ମହାମନିଷୀମାନଙ୍କର ଉଚ୍ଚ ଆଦର୍ଶ ଓ ଚିନ୍ତାଧାରା ସବୁବେଳେ ଓଡିଶାବାସୀଙ୍କୁ ପ୍ରେରଣା ଯୋଗାଇବ । ଓଡିଶା ଦିବସ ଓଡିଶାକୁ, ଓଡିଶା ମାଟିକୁ, ଓଡିଆ ଭାଷାକୁ ଏବଂ ଓଡିଆମାନଙ୍କୁ ଭଲ ପାଇବା ପାଇଁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି ଅବସରରେ ଉଚ୍ଚବିଦ୍ୟାଳୟ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସମାରୋହରେ ବିଭିନ୍ନ ବିଭାଗୀୟ ଅଧିକାରୀ / କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ । ସଭା ପୂର୍ବରୁ ସକାଳେ ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କର ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

# ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ ।ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୂର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।
ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

# ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଳୁତୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଁପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଷ୍ଟ ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ବ୍ରାହ୍ମଣୀ ନଦୀରେ ବୁଡ଼ି ନିଖୋଜ ନାବାଳକଙ୍କ ମୃତଦେହ ଉଦ୍ଧାର

କେନ୍ଦ୍ରାପଡ଼ା: ବ୍ରାହ୍ମଣୀ ନଦୀରେ ବୁଡ଼ି ନିଖୋଜ ଥିବା ଦୁଇ ଜଣଙ୍କ ମଧ୍ୟରୁ ଗତକାଲି ଜଣକର ମୃତଦେହ ଉଦ୍ଧାର ହୋଇଥିବା ବେଳେ ଆଜି ସକାଳୁ ଆଉ ଜଣେ ଛାତ୍ରଙ୍କ ମୃତଦେହ ଉଦ୍ଧାର ହୋଇଛି । ନିଖୋଜ ନବମ ଶ୍ରେଣୀ ଛାତ୍ର ସ୍ମୃତିରଞ୍ଜନ ଦାସଙ୍କ ମୃତଦେହ ଘଟଣାସ୍ଥଳ ଠାରୁ ୫ କି.ମି. ଦୂର କୂଳସାହି ଘାଟରୁ ଉଦ୍ଧାର ହୋଇଛି । କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ଧୂମାତ ଶାସନ ଗୋବରଗାଡ଼ିଆ – ଅଳପୁଆ ବ୍ରାହ୍ମଣୀ ଘାଟରେ ଗତକାଲି ଘଟିଯାଇଥିଲା ଏଭଳି ଏକ ଦୁଃଖଦ ଘଟଣା । ଠାକୁରଙ୍କ ହୋଲି ଖେଳ ଓ ଘଟ ବିସର୍ଜନ ପରେ ନଦୀରେ ଗାଧୋଉଥିବା ବେଳେ ହଠାତ୍ ଗୋଡ଼ ଖସି ଯିବାରୁ ଗଭୀର ପାଣି ବୁଡ଼ି ଦୁଇ ଜଣ ନିଖୋଜ ଥିଲେ । ଗତକାଲି ଅପରାହ୍ନରେ ଯୁକ୍ତ ୩ ଛାତ୍ର ସୌମ୍ୟରଞ୍ଜନ ଦାସଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ନିଖୋଜ ଅନ୍ୟ ଜଣଙ୍କୁ ଠାବ କରିବା ନିମନ୍ତେ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରୀ ରହିଥିଲା । ଅନ୍ୟପକ୍ଷରେ ନିଖୋଜ ଛାତ୍ର ସ୍ମୃତିରଞ୍ଜନଙ୍କ ମୃତଦେହ ଉଦ୍ଧାର ହେବା ପରେ ଅଂଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

## ଶୁଭଲକ୍ଷ୍ମୀ କ୍ରସିଂ ବଜାର ବ୍ୟବସାୟୀ ସଙ୍ଘରେ ଲଛମନଜୀଉ ଭୋଗଖାଇଲେ

କେନ୍ଦ୍ରାପଡା : ଠାକୁରହାଟର ଲଛମନଜୀଉ ଠାକୁର ଗୁରୁବାର ପୁରୁଣାବସନ୍ତାଣ୍ଡ ମେଲଣରେ ଯୋଗଦେବାକୁ ରୋଷଣି କରି ଆସିବା ସମୟରେ ଦୁହୁରିଆସ୍ଥିତ ଶୁଭଲକ୍ଷ୍ମୀ କ୍ରସିଂ ବଜାରବ୍ୟବସାୟୀ ସଙ୍ଘ ପକ୍ଷରୁ ବିମାନ ନିକଟରେ ଭୋଗ ଲାଗି ହୋଇଥିଲା । ସଙ୍ଘର ସଭାପତି କ୍ଷେତ୍ରବାସୀ ସାହୁ ଏବଂ ସମ୍ପାଦକ ସନାତନ ମୁଦୁଲି ଲଛମନଜୀଉଙ୍କ ବିମାନକୁ ଆମନ୍ତ୍ରଣ କରିବା ସହ ଠାକୁରଙ୍କ ନିକଟରେ ପୂର୍ବରୁ ପ୍ରସ୍ତୁତ କରି ରଖାଯାଇଥିବା ଭୋଗ ଲାଗି ପାଇଁ ପ୍ରଦାନ କରିଥିଲେ । ଲଛମନଜୀଉ ସେଠାରୁ ଭୋଗଖାଇବା ପରେ ପୁରୁଣାବସନ୍ତାଣ୍ଡ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ ।

# ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତା । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି, ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

# ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଟପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଟପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଟପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ଋତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ଅନ୍ୟମାନଙ୍କ ମଧରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚ୍ଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

# ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତଉ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

# ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କୀୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଟି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା,ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେବା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# କୃଷିର ଉନ୍ନତି-ରାଜ୍ୟର ପ୍ରଗତି



ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଏହାର ପ୍ରାୟ ୭୦% ଜନସଂଖ୍ୟା କୃଷି ଉପରେ ନିର୍ଭରଶୀଳ। ରାଜ୍ୟର ଉଭୟ ଉପକୂଳ ଏବଂ ବନାଂଚଳର ମୁଖ୍ୟ ଜୀବିକା ହେଉଛି କୃଷି। ଆମ ରାଜ୍ୟରେ ନଦୀ, ନାଳ, ପୋଖରୀ ଆଦି ଭରପୁର ଥିବାରୁ ଜଳର କୌଣସି ଅଭାବ ନାହିଁ, କାରଣ ପ୍ରମୁଖ ବର୍ଷା ବହୁଳ ପ୍ରଦେଶ ମଧ୍ୟରେ ଓଡ଼ିଶା ରହିଛି। କିନ୍ତୁ ଏହା ଆମର ଦୁର୍ଭାଗ୍ୟ ଯେ, ଜଳର ଉପଯୋଗ ଆଜି ମଧ୍ୟ କୃଷି କାର୍ଯ୍ୟ ପାଇଁ ଠିକ୍ ଭାବରେ ହୋଇପାରିନାହିଁ। ଯାହା ଫଳରେ ଆଜି ରାଜ୍ୟର ମାତ୍ର ଶତକଡ଼ା ୨୩ ଭାଗ ଜମି ଜଳସେଚିତ। ରାଜ୍ୟର ରେଙ୍ଗାଲୀ, କାନପୁର ଆଦି ଅନେକ ଜଳସେଚନ ପ୍ରକଳ୍ପ ବର୍ଷ ବର୍ଷ ଧରି ଅଧାପନ୍ତରା ହୋଇ ପଡି ରହିଛି। ପ୍ରତିବର୍ଷ ରାଜ୍ୟରେ ଧାନର ଅଭାବୀ ବିକ୍ରି ଭଳି ଘଟଣା ଦେଖାଦେବା ଏକ ସାଧାରଣ କଥା ହୋଇଗଲାଣି। ଅଭାବି ଧାନର ବିକ୍ରୟ ମୂଲ୍ୟ ଖର୍ଚ୍ଚ ଅନୁପାତରେ ଅତି କମ୍। ଅର୍ଥାତ୍ ଚାଷୀ ଏକ କ୍ୱିଂଟାଲ ଧାନ ଅମଳ ପାଇଁ ନିଜ ପରିଶ୍ରମ, ଖତସାର ଓ ମୂଲିଆ ମଜୁରୀ ବାବଦକୁ ଯେତେ ଖର୍ଚ୍ଚ କରେ ତାହା ତୁଳନାରେ ଏକ କ୍ୱିଂଟାଲ୍ ଧାନର ସରକାରୀ ମୂଲ୍ୟ ଖୁବ୍ କମ୍ ରହୁଛି। ଏଣୁ ସରକାରୀ କର୍ମଚାରୀଙ୍କ ବେତନ ଓ ନିର୍ଦ୍ଧାରିତ ଶ୍ରମିକଙ୍କ ମଜୁରୀ ଭଳି ଧାନର ମୂଲ୍ୟ ଏକ ନିର୍ଦ୍ଦିଷ୍ଟ ହାରରେ ବୃଦ୍ଧି ହେବା ଉଚିତ। ଆମ ରାଜ୍ୟରେ କୃଷିଜାତ ଦ୍ରବ୍ୟର ବିପଣନ ଏବଂ ସଂରକ୍ଷଣର ବ୍ୟବସ୍ଥା ନାହିଁ। ତତ୍ ସଙ୍ଗେ ସଙ୍ଗେ ସରକାରଙ୍କ ଦ୍ୱାରା କୃଷି ବ୍ୟବସ୍ଥାର ପରିଚାଳନା ଅତ୍ୟନ୍ତ ଦୁର୍ବଳ କାରଣରୁ ଓଡ଼ିଶା ଆଜି ଖାଦ୍ୟାନ୍ନରେ ପରାବଲମ୍ବୀ ପ୍ରଦେଶ ହୋଇ ରହିଛି। ଡାଲି ଜାତୀୟ ଖାଦ୍ୟ ଠାରୁ ଆରମ୍ଭ କରି ଆଳୁ, ପିଆଜ, ପନିପରିବା, ମାଛ, ଅଣ୍ଡା ଆଦି ପାଇଁ ଆମେ ଆଜି ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛୁ। ଆମ ରାଜ୍ୟରେ ପ୍ରାୟ ୪ ପ୍ରକାରର ଗୋ-ବଂଶ ଏବଂ ୩ ପ୍ରକାରର ମଇଁଷି ଦେଖାଦେଇଥା'ନ୍ତି। କୃଷି ସହ ଗୋ-ବଂଶର ସମ୍ପର୍କ ଅତି ନିବିଡ। ଆରମ୍ଭରୁ ହିଁ କୃଷି ଗୋ ଆଧାରିତ। କିନ୍ତୁ ଗୋବଂଶ ଆଜି ବିଲୀନ ହେବାକୁ ବସିଲାଣି। କୃଷିକାର୍ଯ୍ୟକୁ ପ୍ରୋତ୍ସାହନ ଦେବାକୁ ହେଲେ ଗୋବଂଶର ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ହେବ। ଗତ ୪୦-୫୦ ବର୍ଷଧରି ସବୁଜ ବିପ୍ଳବ ବା ଆଧୁନିକ କୃଷି ନାଁରେ ଅବାଧ ରାସାୟନିକ ସାର ସହିତ କୀଟନାଶକ ଔଷଧ ପ୍ରୟୋଗ ଦ୍ୱାରା କୃଷିକୁ ବିଷାକ୍ତ ଏବଂ ଖର୍ଚ୍ଚବହୁଳ କରିଦିଆଯାଇଛି। ଫଳରେ ଏହି ବିଷାକ୍ତ ଖାଦ୍ୟ ଖାଇ ମାନବ ସମାଜ ସମେତ ସମ୍ପୂର୍ଣ୍ଣ ଜୀବଜଗତ ଆଜି ରୋଗଗ୍ରସ୍ତ। କୃଷିରେ ଖର୍ଚ୍ଚ ବହୁଳ କାରଣରୁ କୃଷକ ଆତ୍ମହତ୍ୟା ଭଳି ଘଟଣା ଆଜି ବହୁ ପରିମାଣରେ ଦେଖାଦେଇଛି। ତତ୍ ସଙ୍ଗେ ସଙ୍ଗେ ଭୂମି, ଜଳ, ବାୟୁ ପ୍ରଦୂଷଣ ସହିତ ଭୂମିର ବନ୍ଧ୍ୟାତ୍ୱ ଦେଖା ଦେଲାଣି। ଏଥିରୁ ମୁକ୍ତିର ଏକମାତ୍ର ମାର୍ଗ ହେଉଛି, ଗୋ-ଆଧାରିତ ପାରମ୍ପରିକ କୃଷି ବ୍ୟବସ୍ଥାକୁ ଆପଣେଇବା। ସାରା ବିଶ୍ୱରେ ବୀଜ ବା ମଞ୍ଜିର ସଂପ୍ରଭୁତାକୁ ନେଇ କୃଷକ ଏବଂ ବଡ଼ ବଡ଼ କମ୍ପାନୀ ମାନଙ୍କ ମଧ୍ୟରେ ଲଢ଼େଇ ଲାଗିରହିଛି। ଜି.ଏମ., ବି.ଟି. ଏବଂ ହାଇବ୍ରିଡ୍ ବିହନ ନାମରେ ଆଜି ବିହନର ମାଲିକାନା ନିର୍ଦ୍ଦିଷ୍ଟ କେତୋଟି ବିଦେଶୀ ବହୁରାଷ୍ଟ୍ରୀୟ କମ୍ପାନୀ ନିଜ ହାତ ମୁଠାରେ ରଖି କୃଷି ବ୍ୟବସ୍ଥାକୁ କବଳିତ କରିଛନ୍ତି। ଏହାକୁ ଓଡ଼ିଶାରେ ମଧ୍ୟ ସଂପୂର୍ଣ୍ଣ ଲାଗୁ କରିବା ପାଇଁ କିଛି ସ୍ୱେଚ୍ଛାସେବୀ ସଂସ୍ଥା ବା ଏନ୍.ଜି.ଓ. ବିଦେଶୀ କମ୍ପାନୀମାନଙ୍କ ଦଲାଲ ସାଜି ଆମ ରାଜ୍ୟର ସରଳ ନିରୀହ ଚାଷୀଙ୍କୁ ଭୁଲାଇ, ଫୁସୁଲାଇ ଏହି କାର୍ଯ୍ୟରେ ମାତିଛନ୍ତି। ତେଣୁ ଏହି ଚକ୍ରାନ୍ତକୁ ସରକାର ଦୃଢ଼ହସ୍ତରେ ଦମନ କରିବା ଉଚିତ୍। ଚାଷୀକୁଳ ମଧ୍ୟ ଏହାକୁ ବିରୋଧ କରବା ଆବଶ୍ୟକ। ରାଜ୍ୟ ସରକାର କୃଷି ବଜେଟ୍ ନାମରେ ଏକ ବଜେଟ୍ ଗତ କିଛିବର୍ଷ ଧରି ଆଣୁଛନ୍ତି ସତ, କିନ୍ତୁ ସେ ବଜେଟ୍‌ରେ କିଛି ନୂତନତ୍ୱ ନାହିଁ ଏବଂ କୃଷି ପାଇଁ ବଜେଟରେ ଥିବା ବ୍ୟୟ ବରାଦକୁ ବୃଦ୍ଧି କରାଯାଉନାହିଁ। ଯେଉଁ କୃଷି ଉପରେ ଶତକଡ଼ା ୭୦ ଭାଗ ଲୋକ ନିର୍ଭର କରୁଛନ୍ତି ସେହି କୃଷି ପାଇଁ ବଜେଟ୍‌ରେ ମାତ୍ର ୭ରୁ ୮ ପ୍ରତିଶତ ଅର୍ଥ ବ୍ୟୟବରାଦ ହେଉଛି। ଓଡ଼ିଶାରେ କୃଷକ ପାଇଁ ଆଜି ଏକ ନୂଆ ସମସ୍ୟା ଦେଖାଦେଇଛି, ତାହା ହେଉଛି ବନ୍ୟଜନ୍ତୁଙ୍କ କାରଣରୁ ଚାଷର ବହୁଳ କ୍ଷତି ବା ଚାଷୀ ଚାଷ କରୁନାହିଁ; କେଉଁଠି ହାତୀ ତ କେଉଁଠି ବାରାହା, ମାଙ୍କଡ଼ ଇତ୍ୟାଦି ଫସଲ ନଷ୍ଟ କରିବାରେ ଲାଗିଛନ୍ତି। ତତ୍ ସଙ୍ଗେସଙ୍ଗେ ଗୋ-ଚାରଣ ଭୂମିର ଅଧିଗ୍ରହଣ ବା କବ୍‌ଜା କାରଣରୁ ଗୃହପାଳିତ ପଶୁ ମଧ୍ୟ ଚାରଣ ଭୂମି ନ ପାଇବାରୁ ଫସଲ ହାନିର କାରଣ ମଧ୍ୟ ହେଉଛନ୍ତି। ତେଣୁ ଆମ ରାଜ୍ୟର ପ୍ରଗତି ପାଇଁ କୃଷିର ଉନ୍ନତି ହେବା ନିହାତି ଆବଶ୍ୟକ। ସେଥିପାଇଁ କୃଷକ ସମାଜକୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ସହିତ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଦେବା ଜରୁରୀ। ଜଳସେଚନକୁ ଧ୍ୟାନରେ ରଖି ସରକାର ଯଥାଶୀଘ୍ର ଅସମ୍ପୂର୍ଣ୍ଣ ଯୋଜନାକୁ ପୂର୍ଣ୍ଣ କରିବା ସଙ୍ଗେ ସଙ୍ଗେ ନୂତନ ଛୋଟ ଏବଂ ମଧ୍ୟମ ଧରଣର ସେଚ ପ୍ରକଳ୍ପ ନିର୍ମାଣ କରି ଆଗାମୀ ୫ ବର୍ଷ ମଧ୍ୟରେ ସର୍ବନିମ୍ନ ଶତକଡ଼ା ୫୦ ଭାଗ ଭୂମି ଜଳସେଚିତ କରିବାର ଯୋଜନା କରାଯାଉ। ଉଠା ଜଳସେଚନ ବା ଲିଫ୍ଟ ଇରିଗେସନ ପାଇଁ ସହଜ ବିଦ୍ୟୁତ୍ ଉପଲବ୍ଧତା ଏବଂ ସୌରଶକ୍ତି ବା ସୋଲାର ଏନର୍ଜିର ସୁବ୍ୟବସ୍ଥା କରାଯାଉ। ମଣ୍ଡିର ବନ୍ଦୋବସ୍ତ କରି ଏହାର ସୁପରିଚାଳନା କରାଯାଉ ଏବଂ ଚାଷୀର ସମସ୍ତ ବଳକା ଧାନକୁ କିଣିବାର ବ୍ୟବସ୍ଥା ହେଉ। ପରିବା ତଥା ଅନ୍ୟ କୃଷିଜାତ ଦ୍ରବ୍ୟର ବିପଣନ ଓ ସଂରକ୍ଷଣ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଉ। ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ ଦେଶୀ ଗାଈ ଓ ବଳଦର ସଂରକ୍ଷଣ ଉଦ୍ଦେଶ୍ୟରେ ସବ୍‌ସିଡ଼ି ଦିଆଯାଉ ଏବଂ ଗୋ-ଚାରଣ ଭୂମିକୁ ପୁନରୁଦ୍ଧାର କରିବା ପାଇଁ ପଦକ୍ଷେପ ନିଆଯାଉ। ରାଜ୍ୟରେ ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ କିଛି ଜିଲ୍ଲାକୁ ବିଶେଷ ଗୁରୁତ୍ୱ ଦେଇ ସ୍ୱତନ୍ତ୍ର ପ୍ରକଳ୍ପ ବା ପାଇଲଟ ପ୍ରୋଜେକ୍ଟ ରୂପେ ଆରମ୍ଭ କରାଯାଉ। କୃଷି ବଜେଟ୍‌ରେ କୃଷି ପାଇଁ ସର୍ବନିମ୍ନ ଶତକଡ଼ା ୨୫ ଭାଗ ଅର୍ଥ ବ୍ୟୟ ବରାଦ ପାଇଁ ଧାର୍ଯ୍ୟ କରାଯାଉ। ସେହିପରି ୧୯୫୬ ମସିହାର ନିଶାନିବାରଣ ଆଇନ କାର୍ଯ୍ୟକାରୀ କରି ରାଜ୍ୟକୁ ସଂପୂର୍ଣ୍ଣ ନିଶାମୁକ୍ତ ତଥା ମଦମୁକ୍ତ କରାଯାଉ, ଯାହାଦ୍ୱାରା କୃଷକ ଓ କୃଷି ଶ୍ରମିକ ମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆସିପାରିବ। ରାଜ୍ୟର ୨ ଭାଗରୁ ଉର୍ଦ୍ଧ୍ୱ ଲୋକ, ଖାଦ୍ୟ ସୁରକ୍ଷା ଆଇନ୍-୨୦୧୩ର ଅନ୍ତର୍ଭୁକ୍ତ ହୋଇଥିବାରୁ କୃଷି କାର୍ଯ୍ୟ ପାଇଁ ଶ୍ରମିକଙ୍କର ଅଭାବ ଘଟୁଛି, କାରଣ ଅଧିକାଂଶ ଲୋକ ଏହାଦ୍ୱାରା କାର୍ଯ୍ୟ ନ କରି ଅଳସୁଆ ହୋଇଯାଇଛନ୍ତି। ତେଣୁ ପ୍ରକୃତ ଗରିବ ଲୋକଙ୍କୁ ଚିହ୍ନଟ କରି ଏଥିରେ ସାମିଲ୍ କରାଯାଉ। କୌଣସି ପ୍ରକଳ୍ପ ନିମନ୍ତେ କମ୍ପାନୀ ସହିତ ବୁଝାମଣା (ଏମ୍.ଓ.ୟୁ.) ସମୟରେ ସରକାର ଜମିକୁ ନିଜ ଅଧୀନରେ ଏକ ଲ୍ୟାଣ୍ଡ ବ୍ୟାଙ୍କ ଜରିଆରେ ରଖି କମ୍ପାନୀ ନିର୍ଦ୍ଦିଷ୍ଟ ସମୟରେ ପ୍ରକଳ୍ପ ନକଲେ କ୍ଷତି ପୂରଣ ସହିତ ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କୁ ଫେରାଇ ଦିଆଯାଉ। ଧାନଚାଷକୁ ପ୍ରୋତ୍ସାହନ ଦେବା ପାଇଁ ଧାନର ସହାୟକ ମୂଲ୍ୟ କୁଇଂଟାଲ ପିଛା ସର୍ବନିମ୍ନ ୨୫୦୦ ଟଙ୍କା ରଖିବା ସହିତ ଅନ୍ୟାନ୍ୟ ତୈଳବୀଜ ଫସଲର ମୂଲ୍ୟ ସେହି ଅନୁସାରେ ବୃଦ୍ଧି କରାଯାଉ। କୃଷି ଓ କୃଷକକୁ ପ୍ରୋତ୍ସାହନ ଦେବାପାଇଁ ଚାଷୀକୁ ମାସିକ ସର୍ବନିମ୍ନ ୩୦୦୦ ଟଙ୍କା ପେନ୍‌ସନ୍ ଦିଆଯାଉ।

**ଡକ୍ଟର ଧୀରେନ୍ଦ୍ର ନନ୍ଦ,** ରାଜ୍ୟ ସହସଂଯୋଜକ *ଏବଂ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ୱଦେଶୀ ଜାଗରଣ ମଂଚ, ଓଡିଶା, ଚେୟାରମ୍ୟାନ୍, ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡ୍‌ଭାନ୍ସଡ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ୍ ଟେକ୍ନୋଲୋଜି (ଭାରତ)। ଖୋର୍ଦ୍ଧା-୭୫୨୦୫୭ (ଓଡିଶା), ଚଳଭାଷ- ୯୪୩୭୦୦୬୭୨୫, e-mail-dr.dhirendra.nanda@gmail.com.*

# ଲୋକକଳା ମାଧ୍ୟମରେ କୋଭିଡ୍-୧୯ ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର (ପିଏନ୍): ଓଡିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ, ୟୁନିସେଫ୍, ଚାଇଲଡ୍ ଫଣ୍ଡ ଏବଂ ଜିଲ୍ଲା ପ୍ରଶାସନ ସହଯୋଗରେ କେନ୍ଦୁଝର ଜିଲ୍ଲାରେ ଲୋକକଳା ମାଧ୍ୟମରେ ବିଶ୍ୱ ମହାମାରୀ କୋଭିଡ୍-୧୯ ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥି ନିମନ୍ତେ ଜିଲ୍ଲାରେ କୋଭିଡ୍ ସଚେତନତା ରଥ ଚଳିତ ମାର୍ଚ୍ଚ ୨୫ତାରିଖରୁ ଜିଲ୍ଲା ପରିକ୍ରମା କରାଯାଇଛି ଏବଂ ଲୋକକଳାର କଳାକାରମାନେ କୋଭିଡ୍-୧୯ ସଂକ୍ରମଣକୁ ପ୍ରତିହତ କରିବା ପାଇଁ କିପରି ସାବୁନରେ ବିଭିନ୍ନ ପଦ୍ଧତିରେ ହାତ ଧୁଆଯିବ, ସାମାଜିକ ଦୂରତା ଅବଲମ୍ବନ କରିବା, ମୁହଁରେ ମାସ୍କ ପରିଧାନ କରିବା ସମ୍ପର୍କରେ କଳାକାରମାନେ କଳା ପରିବେଷଣ ମାଧ୍ୟମରେ ଜନସାଧାରଣଙ୍କୁ ବୁଝାଉଛନ୍ତି। ଗତ ମାର୍ଚ୍ଚ ମାସ ୨୫ତାରିଖ ଗୁରୁବାର ଦିନ ଠାରୁ ପ୍ରଥମ ପର୍ଯ୍ୟାୟ ସଚେତନତା ଅଭିଯାନ ଆରମ୍ଭ ହୋଇ ମାର୍ଚ୍ଚ ୨୯ତାରିଖ ମଧ୍ୟରେ ଜିଲ୍ଲାର ୧୦ଟି ବ୍ଲକରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୩ଟି ବ୍ଲକ ସହିତ ୫ଟି ପୌରପାଳିକାରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଚାଇଲଡ୍ ଫଣ୍ଡ ଅନୁଷ୍ଠାନର କର୍ମକର୍ତ୍ତା ଅମିତ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗୁରୁବାର ଅପରାହ୍ନରେ କେନ୍ଦୁଝର ତହସିଲଦାର ଆଶିଷ କୁମାର ମହାପାତ୍ର କୋଭିଡ୍ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଲୋକନାଥ ସାହୁ, ଚାଇଲଡ୍ ଫଣ୍ଡର କର୍ମକର୍ତ୍ତା ଅମିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମାର୍ଚ୍ଚ ୨୫ତାରିଖ ଦିନ ସଦର ବ୍ଲକର ରାଇକଳା, ହାଣ୍ଡିଭଙ୍ଗା ଓ ସେଣ୍ଡକାପ୍ ଗ୍ରାମରେ ଏବଂ ମାର୍ଚ୍ଚ ୨୬ ତାରିଖ ଦିନ ଚମ୍ପୁଆ ବ୍ଲକର କାଟୁଲିକନା, ରଙ୍ଗାମାଟିଆ ଓ ପଦ୍ମପୁର ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାର୍ଚ୍ଚ ୨୭ତାରିଖ ଦିନ ତେଲକୋଇ ଓ ବାଂଶପାଳ ବ୍ଲକ, ମାର୍ଚ୍ଚ ୨୮ତାରିଖ ଦିନ ପାଟଣା ଓ ସାହାରପଡା ବ୍ଲକ, ମାର୍ଚ୍ଚ ୨୯ତାରିଖ ଦିନ ହରିଚନ୍ଦନପୁର ଓ ଘଟଗାଁ ବ୍ଲକରେ କୋଭିଡ୍-୧୯ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ନାରୀ ଓ ପୁରୁଷ-ଏକ ମୁଦ୍ରାର ଦୁଇପାର୍ଶ୍ୱ



ପରମପୁରୁଷ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦୃଷ୍ଟିରେ ନାରୀ ଓ ପୁରୁଷ ଉଭୟଙ୍କର ଉଲ୍ଲେଖଯୋଗ୍ୟ ସମାନ୍ତରାଳ ବୈଶିଷ୍ଟ୍ୟ ରହିଛି। ନାରୀ ଜୀବନର ବୈଶିଷ୍ଟ୍ୟ ହେଲା- ସ୍ନେହ, ମମତା, ପ୍ରୀତି, ପ୍ରେମ, ସେବା, ସଂରକ୍ଷଣ, ପ୍ରେରଣା ଓ ସୁପ୍ରଜନନ। କୁମାରୀ, ବଧୂ ଏବଂ ମାଆ ଭୂମିକାରେ ନାରୀର ଅବଦାନ ମନୁଷ୍ୟ ଜୀବନକୁ ମଧୁମୟ କରିଉଠାଏ। ଗୋଟିଏ ହାତରେ ଗୃହକର୍ମ ଓ ଅନ୍ୟ ଏକ ହାତରେ ଗୃହ ଶାସନ। ଦୁଇପକ୍ଷ ବିଶିଷ୍ଟ ସମାଜ ଜୀବନରେ ନାରୀ ଗୋଟିଏ ପକ୍ଷ ଓ ପୁରୁଷ ଅନ୍ୟ ଏକ ପକ୍ଷ। ପୁରୁଷ ବୈଶିଷ୍ଟ୍ୟ ମଧ୍ୟରେ ରହିଛି - ପୂରଣ ପ୍ରବଣତା, ସାହସ, ବୀର୍ଯ୍ୟ, ପରାକ୍ରମ ଓ ଆଦର୍ଶପ୍ରାଣତା। ପୁରୁଷ ଛୁଟି ଚାଲେ ଆଦର୍ଶଙ୍କ ପଛରେ ଓ ନାରୀ ଛୁଟି ଚାଲେ ପୁରୁଷ ପଛରେ, ଆଦର୍ଶପ୍ରାଣତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ। ନିଶ୍ଚୟାତ୍ମକ ଭଙ୍ଗୀରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ନାରୀ ଧାରଣ କରେ, ବୃଦ୍ଧି ଘଟାଏ, ଏହି ଧାରଣ ଓ ପୃଷ୍ଟି କରିବା ହିଁ ନାରୀର ନାରୀତ୍ୱ। ନାରୀ କେବଳ ସନ୍ତାନକୁ ଗଢ଼ି ଉଠାଏ ନାହିଁ, ବରଂ ପୁରୁଷଗଣ ଓ ସମାଜକୁ ଶିକ୍ଷିତ କରାଇ ଉଚ୍ଚତର ସଭ୍ୟତାରେ ପହଞ୍ଚାଇବା ହିଁ ନାରୀର ଧର୍ମ। ଏଥିପାଇଁ ନାରୀ ପାଖରେ ଅଛି ସ୍ନେହ, ସଂଯମ, ଆତ୍ମତ୍ୟାଗ, ବିଶ୍ୱସ୍ତତା ଓ ପବିତ୍ରତା। ପ୍ରକୃତିରେ ଏପରି କୌଣସି ବୀଜ ନାହିଁ ଯାହା ଆଶ୍ରୟ ନପାଇ, ପୋଷଣ ଓ ପୁଷ୍ଟିର ଅଭାବ ସତ୍ତ୍ୱେ ପରିସ୍ଫୁଟ ହୋଇଉଠିଛି। ଏହି ଆଶ୍ରୟ, ପୁଷ୍ଟି ଓ ପୋଷଣ ଏକମାତ୍ର ନାରୀ ବା ମାତୃଜାତି ପାଖରେ ହିଁ ଦେଖାଯାଏ। ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ପୁରୁଷର ଅର୍ଥ ହେଉଛି ପୂରଣ ସ୍ୱଭାବ ସମ୍ପନ୍ନ, ପୁରୁଷ ଅନ୍ୟର ଅଭାବ ପୂରଣ କରେ, ସାର୍ଥକ କରେ, କୃତକାର୍ଯ୍ୟ କରି ଉଠାଏ, ପାରଗତାରେ ଉଦ୍‌ବୁଦ୍ଧ, ଉନ୍ନତ ଓ କୃତାର୍ଥ କରି ତୋଳିବା ହିଁ ପୁରୁଷର ପୁରୁଷତ୍ୱ। ପୁରୁଷ ଚାହେଁ ନାରୀ ଠାରେ ବିଶ୍ରାମ ନେବାକୁ, ନାରୀ ଚାହେଁ ପୁରୁଷକୁ ସୁସ୍ଥ, ସ୍ୱସ୍ଥ ଓ ବୃଦ୍ଧି କରିଉଠାଇବାରେ। ଯେଉଁଠାରେ ନାରୀ ତା'ର ଏହି ଆଦିମ ସ୍ୱଭାବକୁ ବ୍ୟାହତ କରିଛି ସେହିଠାରେ ହିଁ ସେ ବ୍ୟର୍ଥତାର ଆଲିଙ୍ଗନରେ ବିଧ୍ୱସ୍ତ, ବିବ୍ରତ ଓ ବିକୃତ ହୋଇଉଠିଛି। ପୁରୁଷ ଓ ନାରୀର ଅଧିକାର ସେମାନଙ୍କର ଏହିପରି ବୈଶିଷ୍ଟ୍ୟରୁ ହିଁ ଭଗବାନ ନିର୍ଦ୍ଧାରଣ କରିଛନ୍ତି। ନାରୀର ସ୍ୱାଧୀନତା ତାଙ୍କର ବୈଶିଷ୍ଟ୍ୟରେ, ଆଉ ଏହି ବୈଶିଷ୍ଟ୍ୟ ଯେଉଁଠାରେ ମୁଖର ଓ ପ୍ରେରଣା ପରିପୃଷ୍ଟ, ସେହିଠାରେ ହିଁ ରହିଛି ନାରୀର ମୁକ୍ତି ବା ସ୍ୱାଧୀନତା। ନରର ବୃତ୍ତିଗୁଡ଼ିକ ଯେଉଁ ନାରୀ ଠାରେ ପରିପୋଷିତ ଓ ପରିବର୍ଦ୍ଧିତ ହୁଏ ଅର୍ଥାତ୍ ଯେଉଁ ନାରୀ ଯେଉଁ ନରର ବୃତ୍ତି ଗୁଡ଼ିକ ନେଇ ସନ୍ତୁଷ୍ଟ, ପୁଷ୍ଟ ଓ ସମ୍ବର୍ଦ୍ଧନାରେ ଯତ୍ନବତୀ, ସେହି ନରନାରୀର ମିଳନ ହିଁ ଶୁଭ। ନାରୀର ଅନ୍ତର୍ନିହିତ ଝୁଙ୍କ୍, ମାତୃତ୍ୱରେ, ଯେଉଁମାନେ ମାତୃତ୍ୱକୁ ଖର୍ବ କରି ନାରୀତ୍ୱର ପ୍ରତିଷ୍ଠା କରିବାକୁ ଚାହାଁନ୍ତି ସେମାନେ ସର୍ବନାଶୀ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଉଚ୍ଛ୍ୱସିତ ଭଙ୍ଗୀରେ କହିଲେ - ଗୋଟିଏ ଢ଼େଉର ଉଦ୍‌ବେଳାୟିତ ଅବସ୍ଥା ହେଉଛି ପୁରୁଷ ଓ ଅବବେଳାୟିତ ଅବସ୍ଥାଟି ନାରୀ। ଅବବେଳାୟିତ ଉପରେ ଭାର ଦେଇ ଉଦ୍‌ବେଳାୟିତରେ ଦଣ୍ଡାୟମାନ ହୁଏ ପୁରୁଷ। ପ୍ରକୃତି ହେଉଛି ପୁରୁଷର ବିଶ୍ରାମ କ୍ଷେତ୍ର। ନାରୀ ପୁରୁଷର ପରିପୋଷକ, ଉଭୟ ମିଶି ଏକ, ନାରୀ ହେଉଛି ପୁରୁଷ ସତ୍ତାର ବାକୀ ଅଂଶ। ସ୍ୱାମୀ ହେଉଛି ସ୍ତ୍ରୀର ସତ୍ତା, ପୁରୁଷର ଏହି ଉଦ୍‌ବେଳାୟିତ ଅବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ନିମିତ୍ତ ତାକୁ ପୁରୁଷ ଶ୍ରେଷ୍ଠ, ଇଷ୍ଟ, ଗୁରୁ ବା ପୁରୁଷୋତ୍ତମ ସହିତ ସଂଲଗ୍ନ ହେବା ଏକାନ୍ତ ଆବଶ୍ୟକ, ନଚେତ୍ ପୌରୁଷ୍ୟ ଲୋପ ପାଇଯାଏ। ପୁରୁଷ ଯେତେବେଳେ ନାରୀ ଠାରେ କାମମୁଗ୍ଧ ହୋଇଉଠେ ସେତେବେଳେ ତାର ପରିପୂରଣୀ ପ୍ରତିଭା ନଷ୍ଟ ହୁଏ। ମା'ମାନେ ଯଦି ସ୍ୱାମୀଙ୍କ ଠାରେ ସୁକେନ୍ଦ୍ରିକ ନ ହୁଅନ୍ତି ଓ ପୁରୁଷ ଯଦି ଈଶ୍ୱର କେନ୍ଦ୍ରିକ ନ ହୁଅନ୍ତି ତାହାହେଲେ ପରିବାରରେ ମଇଳା ଜମି ଯାଏ। ପୁରୁଷ ସ୍ୱାଧୀନ ହୁଏ ଭଗବାନ (ଗୁରୁ)ଙ୍କୁ ନେଇ ଓ ମା'ମାନେ ସ୍ୱାଧୀନ ସ୍ୱାମୀଙ୍କୁ ନେଇ - ସ୍ୱାମୀ ହେବା ଉଚିତ ଇଷ୍ଟମୁଖୀ ଓ ସ୍ତ୍ରୀର ବୈଶିଷ୍ଟ୍ୟପୂରଣୀ। ଇଷ୍ଟ, ଗୁରୁ ବା ପୁରୁଷୋତ୍ତମଙ୍କ ପ୍ରତି ନିର୍ମଳ ନିଷ୍ଠା ଭିତର ଦେଇ ନିଜକୁ ଶାସନ କରିବାକୁ ହୁଏ ଓ ଏହାଦ୍ୱାରା ଚରିତ୍ର ନିର୍ମଳ ହୁଏ ଓ ପ୍ରେମ ପ୍ରସ୍ଫୁଟିତ ହୁଏ। ଦୃଢ଼କଣ୍ଠରେ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଘୋଷଣା କଲେ - ପୁରୁଷ ମାନଙ୍କର ନାରୀ ସାଜିବା ଭଲ ନୁହେଁ ଓ ମା'ମାନଙ୍କର ମଧ୍ୟ ପୁରୁଷ ସାଜିବା ଭଲ ନୁହେଁ। ଅଜସ୍ର ଚେଷ୍ଟା କଲେ ମଧ୍ୟ ପୁରୁଷ କେବେ ମା' ହୋଇପାରିବେ ନାହିଁ, ମା' ହିଁ ସନ୍ତାନକୁ ମାପି ଦିଅନ୍ତି ଅର୍ଥାତ୍ ମା'ର ନିଷ୍ଠା, ଭକ୍ତି, ଶ୍ରଦ୍ଧା ଓ ଚରିତ୍ର ଅନୁଯାୟୀ ସନ୍ତାନ ସଦ୍‌ଗୁଣର ଅଧିକାରୀ ହୁଏ। ଯଥାର୍ଥରେ କୁହାଯାଇଛି - ମାତୃଭକ୍ତି ଅତୁଟ ଯେତେ, ସନ୍ତାନ ହୁଏ କୃତୀ ସେତେ। ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,** *ସହ-ପ୍ରତିରଦ୍ଧିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

DISPLAY CLASSIFIED

FOR ADVERTISEMENT CONTACT

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10c.m.x 4cm: Rs.8,000/-(One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

ADMISSION ON

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.K.G. & U.K.G.

N-3B-14/15, Ekamra Kanan Road,Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

Mahaditya Publication

VED BHAWAN

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS/ASTROLOGERS/VASTU EXPERTS ?

Contact :

Near Mukteswar Temple, Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

Pragyan Communication

ADMISSION ON

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.K.G., U.K.G., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com

## ଗିରଫ ହେଉନାହାନ୍ତି ଅଭିଯୁକ୍ତ, ଚାପରେ ସୋସୋ ପୋଲିସ୍

ହାଟଡିହି (ପିଏନ୍): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସୋସୋ ଥାନା ସଙ୍ଗମ ଗ୍ରାମର ଦୁଇ ପରିବାର ନ୍ୟାୟ ପାଇଁ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଫେବୃୟାରୀ ମାସରେ ଆମରଣ ଅନଶନ କରିଥିଲେ। ଉପଜିଲ୍ଲାପାଳ ସରୋଜ କୁମାର ଦତ୍ତଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହାର ହୋଇଥିଲା। ଉପଜିଲ୍ଲାପାଳ ଶ୍ରୀ ଦତ୍ତଙ୍କ ନିର୍ଦ୍ଦେଶ ଅନୁସାରେ ସୋସୋ ପୋଲିସ୍ ରମ୍ଭା ପାତ୍ରଙ୍କ ଅଭିଯୋଗ ଆଧାରରେ କେଶ୍ ନଂ ୧୬/୨୦୨୧ ଏବଂ ଦଫା ୪୩୬, ୨୯୪, ୫୦୬, ୩୪ ଅନୁସାରେ ୧୬ଜଣଙ୍କ ନାମରେ ଏକ ମାମଲା ରୁଜୁ କରିଥିଲା। ଠିକ୍ ସେହିଦିନ ପୋଲିସ୍ ଆଉ ଏକ ପାଲଟା ମାମଲା ରମ୍ଭା ପାତ୍ର ଓ ତାଙ୍କ ସମ୍ପର୍କୀୟଙ୍କ ନାମରେ ମଧ୍ୟ ରୁଜୁ କରିଛି। ଯାହାକି ପୋଲିସ୍‌ର ପାରିବା ପଣିଆ ଉପରେ ପ୍ରଶ୍ନ ଉଠିଛି। ସୂଚନାଯୋଗ୍ୟ ସଙ୍ଗମ ଗ୍ରାମର ସୁମିତ୍ରା ପାତ୍ରଙ୍କ ବାଡିରେ କିଛି ଲୋକ ପଶି ତାଙ୍କ ଗଛକୁ ଜୋରଜବରଦସ୍ତ କାଟିବା ସହ ଆକ୍ରମଣ କରିଥିଲେ। ସେହିପରି ରମ୍ଭା ପାତ୍ରଙ୍କ ଘରକୁ ମଧ୍ୟ ପୋଡି ଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ କୌଣସି ନ୍ୟାୟ ନ ମିଳିବାରୁ ପରିବାର ଲୋକେ ଅନଶନ ପନ୍ଥା ଗ୍ରହଣ କରିଥିଲେ। ଗତ ତା୨୯.୦୧.୨୦୨୧ରିଖ ଏବଂ ତା୦୨.୦୨.୨୦୨୧ରିଖରେ ଏହି ଘଟଣା ଘଟିଥିଲା। ଉଭୟ ପରିବାର ନ୍ୟାୟ ପାଇବାରୁ ବଂଚିତ ହୋଇଥିଲେ। ଘଟଣାକୁ ଏକ ମାସ ବିତି ଯାଇଥିଲେ ମଧ୍ୟ ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଫଳରେ ପୋଲିସ୍‌ର ସ୍ୱଚ୍ଛତା ଓ କାର୍ଯ୍ୟ ଦକ୍ଷତା ଉପରେ ଆଶ୍ଚର୍ଯ୍ୟ ପ୍ରକଟ ହୋଇଛି। କୌଣସି ଚାପରେ ବଶବର୍ତ୍ତି ହୋଇ ପୋଲିସ୍ ଚୁପ୍ ରହୁଥିବା ମୁଖ୍ୟ ପ୍ରସଙ୍ଗ ପାଲଟିଛି। କେବଳ ମାମଲା ରୁଜୁ କରି ବାହାବା ନେବା ନୀତିକୁ ପୋଲିସ୍ ପ୍ରମୁଖ ଭୂମିକା ଭାବେ ଗ୍ରହଣ କରୁଥିବା ମଧ୍ୟ ମତ ପ୍ରକାଶ ପାଉଛି। କେଶ୍‌କୁ ଦବାଇବା ଲାଗି ସୁପରିକଳ୍ପିତ ଭାବେ ଅଭିଯୋଗକାରୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ନାମରେ ଏକ ପାଲଟା ଜାତିଆଣ ଆକ୍ଷେପ ଅଭିଯୋଗ ରୁଜୁ କରିବାରେ ପୋଲିସ୍ ସଫଳ ହୋଇଥିବା ମୁଖ୍ୟ ପ୍ରସଙ୍ଗ ପାଲଟିଛି। ସୋସୋ ପୋଲିସ କେତେକ କୁଜିନେତା ଓ ମାଫିଆଙ୍କ ବୋଲକରା ସାଜିଥିବା ଆଲୋଚନା ହେଉଛି। ଫଳରେ ଆଇନ୍ ଶୃଙ୍ଖଳା ବିଗୁଡୁ ଥିବା କୁହାଯାଉଛି।

# ଦୈନିକ ଆଲମଣ୍ଡ ବ୍ୟବହାର ଦ୍ୱାରା ମୁଖର କୁଞ୍ଚନ ଏବଂ ଚର୍ମ ପିଗମେଣ୍ଟେସନ ଦୂର ହୋଇଥାଏ

ଭୁବନେଶ୍ୱର (ପିଏନ୍): ନୂତନ ଅନୁସନ୍ଧାନରୁ ଜଣାପଡିଛି ଯେ ଆପଣଙ୍କର ଦୈନନ୍ଦିନ ଚର୍ମ ଯତ୍ନ ଦିନଚର୍ଯ୍ୟାରେ ଆଲମଣ୍ଡ ମିଶାଇବାରେ ଏକରୁ ଅଧିକ କାରଣ ଥାଇପାରେ। କାଲିଫର୍ଣ୍ଣିଆ ୟୁନିଭରସିଟିର ଅନୁସନ୍ଧାନକାରୀଙ୍କ ଦ୍ୱାରା ହୋଇଥିବା ଏକ ନୂତନ ଅଧ୍ୟୟନରେ ଡେଭିସ ଜାଣିପାରିଛନ୍ତି ଯେ ଚିରାଚରିତ କେଲରୀ-ମେଳ ଖାଉଥିବା ସ୍ନାକ୍ସ ବଦଳରେ ପ୍ରତିଦିନ ଆଲମଣ୍ଡ ଖାଇବା ଦ୍ୱାରା ଋତୁସ୍ରାବ ବନ୍ଦ ପରବର୍ତ୍ତୀ ମହିଳାମାନଙ୍କ ମଧ୍ୟରେ ଉଭୟ କୁଞ୍ଚନ ଗମ୍ଭୀରତା ଏବଂ ଚର୍ମର ରଙ୍ଗର ଉନ୍ନତି ହୋଇଥାଏ। ଏହି ଅଧ୍ୟୟନ କାଲିଫର୍ଣ୍ଣିଆର ଏଲମଣ୍ଡ ବୋର୍ଡ ଦ୍ୱାରା ଆର୍ଥିକ ଅନୁଦାନପ୍ରାପ୍ତ ହୋଇଥିଲା ଏବଂ ୨୦୧୯ ଅଧ୍ୟୟନର ଅନୁସନ୍ଧାନ ପରେ ଏହା ବିସ୍ତାରିତ କରାଯାଇଥିଲା। ଏହି ୬ ମାସର ଯାଦୃଚ୍ଛିକ ନିୟନ୍ତ୍ରିତ ପରୀକ୍ଷଣରେ ଫିଜପାଟ୍ରିକ ଚର୍ମ ପ୍ରକାର ୧ କିମ୍ବା ୨ ଥିବା ୪୯ ସୁସ୍ଥ ଋତୁସ୍ରାବ ବନ୍ଦ ପରବର୍ତ୍ତୀ ମହିଳା(ସୂର୍ଯ୍ୟ ଏକ୍ସପୋଜର ସହିତ ଜଳିବାର ବର୍ଦ୍ଧିତ ପ୍ରବୃତ୍ତି ଦ୍ୱାରା ବିଶେଷିତ) ଅଧ୍ୟୟନ ସମାପ୍ତ କରିଥିଲେ। ଅଂଶଗ୍ରହଣକାରୀମାନଙ୍କୁ ଦୁଇଟି ଗୋଷ୍ଠୀ ମଧ୍ୟରୁ ଗୋଟିଏକୁ ଯାଦୃଚ୍ଛିକ ଭାବରେ ନିଆଯାଇଥିଲା: ହସ୍ତକ୍ଷେପ ଗୋଷ୍ଠୀରେ ମହିଳାମାନେ ଏଲମଣ୍ଡକୁ ସ୍ନେକ୍ସ ଭାବରେ ଖାଇଥିଲେ, ଯାହା ସେମାନଙ୍କର ମୋଟ ଦୈନିକ କେଲରୀ ଗ୍ରହଣର ୨୦% କିମ୍ବା ହାରାହାରି ଦିନକୁ ୩୪୦ କେଲରୀ(ପ୍ରାୟ ୨ ଏକ-ଆଉନ୍ସ ପରିବେଷଣ) ନିୟନ୍ତ୍ରିତ ଗୋଷ୍ଠୀ ଏକ କେଲରୀ-ମେଳ ଖାଉଥିବା ସ୍ନେକ୍ସ ଖାଉଥିଲେ ଯାହା ମଧ୍ୟ ୨୦% କେଲରୀର ରହିଥିଲା : ଏକ ଡିମ୍ବିରି ବାର, ଗ୍ରାନୋଲା ବାର କିମ୍ବା ପ୍ରେଟଜ୍ଜୁ। ଏହି ସ୍ନେକ୍ସ ବ୍ୟତୀତ, ଅଧ୍ୟୟନର ଅଂଶଗ୍ରହଣକାରୀମାନେ ସେମାନଙ୍କର ନିୟମିତ ଆହାର ଖାଇଲେ ଏବଂ କୌଣସି ଚଣା କିମ୍ବା ଚଣା ଥିବା ପଦାର୍ଥ ଖାଇଲେ ନାହିଁ। ଅଧ୍ୟୟନ ଆରମ୍ଭରେ ଏବଂ ପୁନର୍ବାର ୮ ସପ୍ତାହ, ୧୬ ସପ୍ତାହ ଏବଂ ୨୪ ସପ୍ତାହରେ ଚର୍ମର ମୂଲ୍ୟାଙ୍କନ କରାଯାଇଥିଲା ଏହି ପ୍ରତ୍ୟେକ ପରିଦର୍ଶନରେ ଉଚ୍ଚ ରେଜଲୁସନ ଫେସିଅଲ ଇମେଜିଙ୍ଗ ବ୍ୟବହାର କରି ମୁଖର କୁଞ୍ଚନତା ଏବଂ ମୁଖର ରଙ୍ଗର ତୀବ୍ରତାକୁ ମୂଲ୍ୟାଙ୍କନ କରାଯାଇଥିଲା ଏବଂ ୩-ଡ ମୁଖ ମେଡଲିଂ ଏବଂ ମାପକୁ ବୈଧ କରାଯାଇଥିଲା। ଏଲମଣ୍ଡ ଖାଉଥିବା ଗୋଷ୍ଠୀରେ କୁଞ୍ଚର ଗମ୍ଭୀରତାର ପରିସଂଖ୍ୟାନିକ ଭାବେ ଗୁରୁତ୍ୱପୂର୍ଣ୍ଣ ହ୍ରାସ ହୋଇଥିବା ଅନୁସନ୍ଧାନ କାରୀ ମାନେ ଦେଖିଥିଲେ : ୧୬ ସପ୍ତାହରେ ୧୫% ଏବଂ ୨୪ ସପ୍ତାହରେ, ୧୬% ହ୍ରାସ ଘଟିଥିଲା। ଅଧ୍ୟୟନର ଫଳାଫଳ ଉପରେ ମନ୍ତବ୍ୟ ଦେଇ ଚର୍ମରୋଗ ବିଶେଷଜ୍ଞ ତଥା କସମେଟୋଲୋଜିଷ୍ଟ ଡକ୍ଟର ଗୀତିକା ମିତ୍ତଲ ଗୁପ୍ତା କହିଲେ, ''ଏହା ଧ୍ୟାନ ଦେବା ଏକ ରୁଚିକର ବିଷୟ ଯେ ଦୈନିକ ଆଲମଣ୍ଡ ଖାଇବା ଏବଂ ଚେହେରାର କୁଞ୍ଚନରେ ଏହା ଆଣୁଥିବା ଉନ୍ନତି ଏବଂ ଚର୍ମର ପିଗମେଣ୍ଟେସନ ହ୍ରାସ କରିବାରେ ଯୋଗଦାନ ମଧ୍ୟରେ ଏକ ଅତ୍ୟନ୍ତ ସକାରାତ୍ମକ ସହ-ସମ୍ବନ୍ଧ ଥିବା ଅଧ୍ୟୟନ ପ୍ରମାଣିତ କରିଛି। ଏହି ଫଳାଫଳଗୁଡିକ ଭାରତ ପାଇଁ ବିଶେଷ ଭାବରେ ପ୍ରଯୁଜ୍ୟ, କାରଣ ଚର୍ମର ହାଇପରପିଗମେଣ୍ଟେସନ ସମସ୍ତ ବୟସ ବର୍ଗର ମହିଳାମାନଙ୍କ ମଧ୍ୟରେ ଏକ ସାଧାରଣ ଚିନ୍ତା ଅଟେ। ଏଣ୍ଟିଅକ୍ସିଡେଣ୍ଟ ଭିଟାମିନ-ଇ ର ଏକ ସମୃଦ୍ଧ ଉତ୍ସ ଭାବରେ ଏଲମଣ୍ଡ ଜଣାଶୁଣା ଏବଂ ଅତ୍ୟାବଶ୍ୟକ ଫେଟି ଅମ୍ଳ ଏବଂ ପଲିଫିନଲ ବିତରଣ କରିଥାଏ, ଯାହା ଚର୍ମର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ସେମାନଙ୍କ ଆହାରରେ ଏକ ମହତ ଯୋଗ କରିଥାଏ। ଏଲମଣ୍ଡ ଚର୍ମର ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ବିଶ୍ୱାସକୁ ଏହି ଅଧ୍ୟୟନ ଆହୁରି ବୈଧ କରିଥାଏ ଏବଂ ସୁସ୍ଥ ଚର୍ମ ହାସଲ କରିବାକୁ ମୁଁ ମହିଳାମାନଙ୍କୁ ସେମାନଙ୍କୁ ଦୈନନ୍ଦିନ ଖାଦ୍ୟରେ ଏହା ଅନ୍ତର୍ଭୁକ୍ତ କରିବାକୁ ଅନୁରୋଧ କରେ।''

## ଖରିଫ ଧାନକିଣା ଅବଧି ଏପ୍ରିଲ ୧୫ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ପିସିସି କିଷାନ କଂଗ୍ରେସର ଦାବି

ଭୁବନେଶ୍ୱର (ପିଏନ୍)-ରାଜ୍ୟ ସରକାର ୨୦୨୦ ଖରିଫରେ ଋଷୀଙ୍କର ସମସ୍ତ ବଳକା ଧାନ କ୍ରୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ତଦନୁଯାୟୀ ରାଜ୍ୟର ୧୪ଲକ୍ଷରୁ ଉର୍ଦ୍ଧ୍ୱ ଋଷୀ ଧାନ ବିକିବା ପାଇଁ ନିର୍ଦ୍ଧାରିତ ସମୟରେ ସେମାନଙ୍କର ନାମ ପଞ୍ଜିକରଣ କରିଥିଲେ। ଚଳିତ ମାସର ମାର୍ଚ୍ଚ ୩୧ରେ ଧାନ କିଣାର ଅବଧି ଶେଷ। ବର୍ତ୍ତମାନ ଚାଷୀଙ୍କ ପାଖରେ ପାଖାପାଖି ଆଉ ୫ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଧାନ ବିକ୍ରି କରିବା ପାଇଁ ପଡିରହିଛି। ଚଳିତଥର ସରକାର ଓ ପ୍ରଶାସନର ଚରମ ଅବହେଳାରୁ ଟୋକନ୍ ଇସ୍ୟୁରେ ବହୁ ବ୍ୟତିକ୍ରମ ଘଟିଛି। ଏପରିକି ଟୋକନ୍ ପାଇଥିବା ବହୁ ଋଷୀଙ୍କ ଠାରୁ ଧାନ କିଣା ଯାଇନାହିଁ ବୋଲି ଓଡିଶା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ଇତିମଧ୍ୟରେ ବହୁ ଚାଷୀଙ୍କର ଟୋକନ୍ ଲାପ୍ସ କରିଛି। ସରକାର ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଯଥେଷ୍ଟ ଅଧିକ ଧାନ କ୍ରୟ କରିଛନ୍ତି ବୋଲି ସୂଚନା ଦେଉଥିବା ବେଳେ ପରିସଂଖ୍ୟାନ ଅନୁଯାୟୀ ୨୦୧୯ ଖରିଫ୍ ବର୍ଷର ଉତ୍ପାଦନର ହାର ଯାହାଥିଲା ଉତ୍ତମ ପାଣିପାଗ ଯୋଗୁଁ ୨୦୨୦ ଖରିଫରେ ଯଥେଷ୍ଟ ପରିମାଣର ଧାନ ଉତ୍ପାଦନ ହୋଇଛି। ଏଣୁ ସରକାରଙ୍କର ପ୍ରତିଶ୍ରୁତି ପ୍ରକାରେ ସବୁ ଧାନ କିଣାଯିବା କଥା। ଅମଳ ଅନୁଯାୟୀ ଋଷୀଙ୍କଠାରୁ ସରକାର ଧାନ କିଣିବାପାଇଁ କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିରେ ଋଷୀ କରିବେ କ'ଣ ଏବଂ ଧାର କରଜ ସୁଝିବେ କିପରି ? ତେଣୁ ରାଜ୍ୟ ସରକାର ଧାନ କ୍ରୟ ସମୟସୀମା ମାର୍ଚ୍ଚ ୩୧ତାରିଖ ପରିବର୍ତ୍ତେ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ, ଉପାଧ୍ୟକ୍ଷ ଶଶିଭୂଷଣ ପାତ୍ର, ଉମେଶ ସାହୁ , ପ୍ରେମାନନ୍ଦ ସ୍ୱାଇଁ, ସାଧାରଣ ସମ୍ପାଦକ ଇଂ ଅରବିନ୍ଦ ସାମଲ, ବିପ୍ରବର ସାହୁ, ସାନନ୍ଦ ମିଶ୍ର, ଯଶୋଦା ନନ୍ଦନ ସିଂହ, ନରନାରାୟଣ ଜେନ, ଭବାନୀ ରଥ ପ୍ରମୁଖ ଦୃଢ଼ ଦାବୀ କରିଛନ୍ତି।




# କେନ୍ଦୁଝରରେ ଓଡିଶା ଦିବସ ପାଳନ ଅବସରରେ
# ମାତୃଭୂମି ଓ ମାତୃଭାଷାକୁ ଭଲପାଇବାକୁ ଅତିଥିଙ୍କ ପରାମର୍ଶ

କେନ୍ଦୁଝର: ୮୬ତମ ଓଡିଶା ଦିବସ ଗୁରୁବାର ଦିନ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରେ ପାଳିତ ହୋଇଯାଇଥିବା ବେଳେ ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଅତିଥି ଓ ବକ୍ତାମାନେ ମାତୃଭୂମି ଓ ମାତୃଭାଷାକୁ ଭଲ ପାଇବାକୁ ଆହ୍ୱାନ ଦେଇଛନ୍ତି । ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ କମଳିନୀ ପାତ୍ର ତାଙ୍କ ବକ୍ତବ୍ୟରେ ଓଡିଆ ଜାତିର ସ୍ୱାଭିମାନକୁ ସର୍ବଦା ବଜାୟ ରଖିବା ନିମନ୍ତେ ପ୍ରତ୍ୟେକ ଓଡିଆ ସଂକଳ୍ପ ନେବାକୁ ଆହ୍ୱାନ ଦେ-ଇଥିଲେ। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ତ୍ୟାଗ ଓ ବଳିଦାନ ରଖିଥିବା ଉତ୍କଳର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ସମୃଦ୍ଧ ଓଡିଶା ଗଠନ ନିମନ୍ତେ ଅଙ୍ଗୀକାରବଦ୍ଧ ହେବାକୁ ଆହ୍ୱାନ ଜଣାଇଥିଲେ । ଭାଷଣପ୍ରସଙ୍ଗରେ ଉତ୍କଳର ପୂର୍ବ ଗୌରବ, ପୂର୍ବ ମହିମାକୁ ମନେ ପକାଇ ନିଜ ମାଆକୁ, ମାଟିକୁ ଓ ଜାତିକୁ ଭଲ ପାଇଲେ ଓଡିଶାର ଓ ଓଡିଆମାନଙ୍କର ମର୍ଯ୍ୟାଦା ବିଶ୍ୱ ଦରବାରରେ ବୃଦ୍ଧି ପାଇବ ବୋଲି କହିଥିଲେ। ଜିଲ୍ଲାପାଳ ଆଶିଷ ଠାକରେ ଓଡିଶା ଦିବସ ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇ ନିଜ ଅଭିଭାଷଣରେ ଜିଲ୍ଲା ତଥା ରାଜ୍ୟର ଉନ୍ନତି ଦିଗରେ ଓଡିଶା ଦିବସ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଭାଷଣପ୍ରସଙ୍ଗରେ ଜିଲ୍ଲାପାଳ କହିଥିଲେ ଯେ ଓଡିଶାରେ ସାଂସ୍କୃତିକ ବିଭିଧତା ରହିଥିଲେ ମଧ ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠା ହୋଇପାରିଛି ଯାହାକି ଓଡିଶାର ଭୂଷଣ । ସଂସ୍କୃତି ଗୋଟିଏ ଜାତିର ଆଧାର ଓ ସମାଜର ଭିତିଭୂମି । ସଂସ୍କୃତି ଓ ଭାଷା ସମୃଦ୍ଧ ହେଲେ ରାଜ୍ୟ ସମୃଦ୍ଧ ହେବ । ଓଡିଶାର ସାଂସ୍କୃତିକ ପ୍ରାଚୁର୍ଯ୍ୟ ଏବଂ ସୌନ୍ଦର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ଏହା ସମଗ୍ର ଭାରତ ବର୍ଷରେ ସ୍ୱତନ୍ତ୍ର ମର୍ଯ୍ୟାଦା ହାସଲ କରିଛି । ଓଡିଆ ଭାଷାର ପ୍ରାଚୀନତା ଓ ଗାରିମା ଯୋଗୁ ଏହା ଶାସ୍ତ୍ରୀୟ ମାନ୍ୟତା ପାଇଛି, ଯାହାକି ପ୍ରତ୍ୟେକ ଓଡିଆ ପାଇଁ ଗର୍ବ ଓ ଗୌରବର ବିଷୟ । ଏହାକୁ ଅଧିକ ଋଦ୍ଧିମନ୍ତ କରିବାକୁ ପ୍ରତ୍ୟେକ ବ୍ୟକ୍ତି ପ୍ରତିବଦ୍ଧତା ରଖିବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଏତଦ୍‌ବ୍ୟତୀତ ଓଡିଶା ବିଭିନ୍ନ କ୍ଷେତ୍ରରେ ଦେଶରେ ତଥା ବିଶ୍ୱରେ ସୁନାମ ଅର୍ଜନ କରି ଉଦାହରଣ ସାଜିବା ଓଡିଶାବାସୀଙ୍କ ପାଇଁ ଗୌରବାବହ ଘଟଣା । ଏଣୁ ଏ ଦିଗରେ ରାଜ୍ୟବାସୀ ଅନୁପ୍ରାଣିତ ହେଲେ ଓଡିଶାର ଅଶେଷ ମଙ୍ଗଳ ହେବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ। ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶ ଡ଼ଃ ଉଦ୍ଧବ ଚନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ନାୟକ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବିଜନ କୁମାର ଥମ୍ବ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ମାଆ ହେଉଛି ଆମର ପରିଚୟ ଏବଂ ମାତୃଭୂମି ଓଡିଶା ଆମର ମାଆ ଓ ଓଡିଶା ଦିବସ ହେଉଛି ପ୍ରତ୍ୟେକ ଓଡିଆ ପାଇଁ ସ୍ପର୍ଦ୍ଧା, ସ୍ୱାଭିମାନ ଏବଂ ଅସ୍ମିତାର ପ୍ରତୀକ । ଓଡିଶା ଦିବସ ପ୍ରତ୍ୟେକ ଓଡିଆକୁ ଏହାର ସଂସ୍କୃତି, ଐତିହ୍ୟ ଓ ପରଂପରାର ସୁରକ୍ଷା ଦେବା ପାଇଁ ପ୍ରେରଣା ଯୋଗାଇବ । ମାତୃଭୂମି ଓ ମାତୃଭାଷା ପ୍ରତି ମମତା ରଖିଲେ ଓଡିଆ ଜାତି ଉନ୍ନତିର ଚରମ ସୀମାରେ ପହଂଚିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏତଦ୍‌ବ୍ୟତୀତ ପ୍ରତ୍ୟେକ ଓଡିଆ ନିଜ ପାଇଁ ଓଡିଆ ଭାବରେ ଶକ୍ତିଶାଳୀ ପରିଚୟ ତିଆରି କରିବାକୁ ଆହ୍ୱାନ ଦେଇଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଇତିବୃତି ସଂପର୍କରେ ଆଲୋକପାତ କରି ପ୍ରତ୍ୟେକ ଓଡିଆ ନିଜ ନିଜର ଆଚରଣରେ, ଉଚ୍ଚାରଣରେ ଓଡିଆ ପ୍ରତି ଓ ଓଡିଶା ପ୍ରତି ମମତା ରଖିବାକୁ ନିବେଦନ କରିଥିଲେ। ପ୍ରତ୍ୟେକ ଓଡିଆ ଯେଉଁଠି ଥିଲେ ବି ନିଜକୁ ଓଡିଆ ଭାବେ ପରିଚୟ ଦେଇ ଗର୍ବ କରିବାକୁ ନିବେଦନ କରିଥିଲେ । ଓଡିଶା ଗଠନରେ ଯେଉଁ ଯୋଗଜନ୍ମା ମହାପୁରୁଷମାନେ ତ୍ୟାଗ ଓ ତିତିକ୍ଷାର ଉଦାହରଣ ସୃଷ୍ଟି କରିଛନ୍ତି ତାହା ପ୍ରତ୍ୟେକ ଓଡିଆଙ୍କୁ ସବୁବେଳେ ଅନୁପ୍ରାଣିତ କରୁଥିବ ବୋଲି କହିଥିଲେ । ଏତଦ୍‌ବ୍ୟତୀତ ଜଗନ୍ନାଥ ସଂସ୍କୃତି ଓଡିଶା ସଂସ୍କୃତିକୁ କିପରି ଋଦ୍ଧିମନ୍ତ କରି ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ତାହା ଅବତାରଣା କରି ଓଡିଶାର ପୂର୍ବ ଗୌରବ, ପୂର୍ବ ମହିମାକୁ ମନେ ପକାଇ ସମୟ ଚକ୍ରରେ ଖଣ୍ଡ ବିଖଣ୍ଡିତ ହୋଇଯାଇଥିବା ଓଡିଆ ଭାଷାଭାଷୀ ଅଂଚଳକୁ ନେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାରେ ଯେଉଁ ମହାମନିଷୀମାନେ ଅସୀମ ତ୍ୟାଗ, ଅପୂର୍ବ ସାହସ ଦେଖାଇଛନ୍ତି ସେମାନଙ୍କ ନିକଟରେ ଓଡିଆ ଜାତି ସବୁବେଳେ ଋଣୀ ହୋଇ ରହିବ ବୋଲି କହିଥିଲେ। ମହାମନିଷୀମାନଙ୍କର ଉଚ୍ଚ ଆଦର୍ଶ ଓ ଚିନ୍ତାଧାରା ସବୁବେଳେ ଓଡିଶାବାସୀଙ୍କୁ ପ୍ରେରଣା ଯୋଗାଇବ ।

## ଉତ୍କଳ ସମ୍ମିଳନୀ ତରଫରୁ ୮୬ତମ ଉତ୍କଳ ଦିବସ ସମାରୋହ ପାଳନ

ବ୍ରହ୍ମପୁର: ସ୍ଥାନୀୟ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ତରଫରୁ ୮୬ ତମ ଉତ୍କଳ ଦିବସ ସମାରୋହ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି।ଏହି ପରିପ୍ରେକ୍ଷୀରେ ସକାଳ ୭ଘ ସମୟରେ ବ୍ରହ୍ମପୁର ଗାନ୍ଧୀ ନଗର ଛକ ସ୍ଥିତ ବରେଣ୍ୟ ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ, ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସହ ଅନ୍ୟାନ୍ୟ ବରପୁତ୍ର ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ବିଶିଷ୍ଟ ସାମ୍ବାଦିକ ଶଶିଭୂଷଣ ରଥ, ନେତାଜୀ ସୁବାଷ ଚନ୍ଦ୍ର ବୋଷ,ସଦାଶିବ ତ୍ରିପାଠୀ, ମହାରାଜା ହରିହର ମର୍ଦ୍ଦରାଜ ଏବଂ ଉତ୍କଳ ମଣୀ ଗୋପବନ୍ଧୁ ଦାସ ଙ୍କ ପ୍ରତିମୂର୍ତି ରେ ମାଲ୍ୟାର୍ପଣ କରାଯାଇ ଉତ୍କଳ ଆଶ୍ରମ ଠାରେ ଅନୁଷ୍ଠିତ ଆଲୋଚନା ସଭା ରେ ସମ୍ମିଳନୀ ର ସଭାପତି ଡ଼ ସୁବ୍ରତ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶିକ୍ଷାବିତ୍ ବିରୁପାକ୍ଷ ଦାସ ଏବଂ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ମଂଚାସୀନ ହୋଇ ସଭା ଉଦ୍ଘାଟନ କରିଥିଲେ। ପ୍ରାରମ୍ଭରେ ଶ୍ରୀଜଗନ୍ନାଥ ଙ୍କ ବିଗ୍ରହ ରେ ଏବଂ କୁଳବୃଦ୍ଧ ମଧୁସୂଦନ ଦାସ ଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଦୀର୍ଘ ୮୫ ବର୍ଷ ହୋଇସାରିଥିଲା ବେଳେ ମଧ ଆମ ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ସାମାଜିକ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ଅନ୍ୟ ଆଲୋଚକ ମାନେ ମତବ୍ୟକ୍ତ କରିଥିଲେ।ମୁଖ୍ୟ ଅତିଥି ଶ୍ରୀ ଯୁକ୍ତ ଦାସ ମତବ୍ୟକ୍ତ କରିଥିଲେ ଯେ ଆମ ସୀମା ସୁରକ୍ଷା ଓ ଭାଷା ସୁରକ୍ଷା ପାଇଁ ରାଜ୍ୟ ସରକାର ତଥା ରାଜନେତା ମାନଙ୍କ ସମେତ ଜନ ସାଧାରଣଙ୍କ ମଧ ଗୁରୁଦାୟିତ୍ୱ ରହିଛି। ସଭାପତି ଡ଼ ସୁବ୍ରତ କୁମାର ସାହୁ ମତବ୍ୟକ୍ତ କରିଥିଲେ ଯେ ପୁଣିଥରେ ଆମକୁ ତୃଣମୂଳ ସ୍ତରରେ ଏହାକୁ ଗ୍ରହଣ କରିବାକୁ ହେବ। ରାଜ୍ୟ ସରକାର ଚଳିତ ବର୍ଷ ରାଜ୍ୟର ତିରିଶଟିଯାକ ଜିଲ୍ଲାରେ ଉତ୍କଳ ଦିବସ ସମାରୋହ ପାଳନ ପାଇଁ ପଦକ୍ଷେପ ଗ୍ରହଣ କରିବା ଏକ ମହତ୍ କାର୍ଯ୍ୟ।ଏହା ଦ୍ୱାରା ଜନସଚେତନତା ସୃଷ୍ଟି ହୋଇପାରିବ। ଅନୁଷ୍ଠିତ ଉତ୍କଳ ଦିବସ ସମାରୋହ ଅବସରରେ ଉପସଭାପତି ଡାକ୍ତର ନକୁଳ ସାହୁ, କୋଷାଧ୍ୟକ୍ଷ ନରସିଂହ ପାଣିଗ୍ରାହୀ, ସମ୍ପାଦକ ଡାକ୍ତର ସାଗର ରଂଜନ ତ୍ରିପାଠୀ, ସୂର୍ଯ୍ୟକାନ୍ତ ପାତ୍ର, ନୃସିଂହ ପ୍ରସାଦ ପଣ୍ଡା, ରାଜକିଶୋର ସ୍ୱାଇଁ, ସୁଦର୍ଶନ ବିଷୋୟୀ ନବୀନ କୁମାର ପଟ୍ଟନାୟକ, ଡାକ୍ତର ସମରେନ୍ଦ୍ର କୁମାର ସାହୁ, କୃଷ୍ଣଚରଣ ସିଂହ, ସୁବୋଧ ପଟ୍ଟନାୟକ,ଶ୍ରୀମତୀ ପଦ୍ମିନୀ ମିଶ୍ର, ପ୍ରକାଶ ଚନ୍ଦ୍ର ସାହୁ,ଇଂ ଶିରୀଶ ପ୍ରସାଦ ମିଶ୍ର,ନରସିଂହ ପାଢ଼ୀ, ଅଶୋକ କୁମାର ସାହୁ,ସୀମାଂଚଳ ପ୍ରସାଦ ବିଷୋୟୀ, ନରସିଂହ ସାହୁ,ଜନାବ ମହମ୍ମଦ ଆସଲାମ, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ହାଡିବନ୍ଧୁ ମାଝି,ଇଶାନୀ ମିଶ୍ର, ନିମାଇଁ ଚରଣ ପାଣିଗ୍ରାହୀ, ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଶ୍ରୀପଲ୍ଲବ ଧନ୍ୟବାଦ ଅର୍ପଣ କରିଥିଲେ।

## କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢ଼ୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି। ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅଞ୍ଚଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି। ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି। ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା। ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପଞ୍ଚାୟତ ସମେତ ମଳଦା,ପୁଲଝର,କୁମୁଣ୍ଡି,ଶୁଆକାଟୀ,ବାଂଶପାଳ ଆଦି ପଞ୍ଚାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ। ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା। ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ। ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୂଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା। ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଅନେକ ସମୟରେ ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗ କରି କାରଖାନା କର୍ତ୍ତୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି। ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲାଣ୍ଟକୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି। କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅଞ୍ଚଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ। ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି। ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

## ୨୭୯ ଜଣଙ୍କୁ ଭତ୍ତା ବଂଟନ କଲେ ବିଧାୟକ

ଜୟପୁର:ଜୟପୁର ବ୍ଲକ ପରିସରରେ ଗୁରୁବାର ନୂତନ ଭାବେ ସାମିଲ ହୋଇଥିବା ହିତାଧିକାରିଙ୍କୁ ଭତା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୭୯ ଜଣଙ୍କୁ ଭତାବଂଟନ କରିଥିଲେ । ବ୍ଲକର ୨୨ଟି ପଂଚାୟତର ନୂତନ ଭାବେ ୨୭୯ ଜଣକ ଆଜି ଭତା ବଂଟନ କରାଯାଇଥିଲା । ବିଧବା, ଭିନ୍ନକ୍ଷମ ବାର୍ଦ୍ଧକ୍ୟ ଭତା ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବାଗଦେରିଆ, ଉପାଧ୍ୟକ୍ଷ ଇଶ୍ୱର ବାଘ, ଜିଲା ପରିଷଦ ବିନ୍ଦୁ ରାଣି ମିଶ୍ର, ମନଧର ଗାଧବା, ବିଡିଓ ସୁରଜ କୁମାର ପଟ୍ଟନାୟକ, ସାମାଜିକ ସୁରକ୍ଷା ଅଧିକାରି ନିସା.କେ.ଏସ, ଏମପି ପ୍ରତିନିଧି କୃଷ୍ଣଚନ୍ଦ୍ର ନେପାକ, ସମିତି ସଭ୍ୟ ରାଜେନ୍ଦ୍ର ସାହୁ ସମେତ ସରପଂଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତୃଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାଉନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଉତ୍କଳ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବର ସୁବର୍ଣ୍ଣ ଜୟନ୍ତୀ ସମାରୋହ




ଭୁବନେଶ୍ୱର: ଉତ୍କଳ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବର ସୁବର୍ଣ୍ଣ ଜୟନ୍ତୀ ସମାରୋହ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ସମାରୋହ ୩ ଏପ୍ରିଲ୍ ୨୦୨୧ରେ ଅନୁଷ୍ଠିତ ହେବ। ଭାରତର ଉପରାଷ୍ଟ୍ରପତି ଶ୍ରୀ ଭେଙ୍କିଆ ନାଇଡୁ ସମାବର୍ତ୍ତନ ଉତ୍ସବର ସୁବର୍ଣ୍ଣ ଜୟନ୍ତୀ ସମାରୋହର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ସମାରୋହରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଅଧକ୍ଷତା କରିବେ। କୃଷି ଓ କୃଷକ ସଶକ୍ତି କରଣ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ.ଅରୁଣ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଦେବାର କାର୍ଯ୍ୟକ୍ରମ ରହିଛି। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି ଯେ ଉତ୍କଳ ବିଶ୍ୱବିଦ୍ୟାଳୟର ୩ ଏପ୍ରିଲ୍ ୨୦୨୧ରେ ଅନୁଷ୍ଠିତ ହେବାକୁ ଥିବା ୫୦ତମ ସମାବର୍ତ୍ତନ ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଦେଶର ୫ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯିବ। ଚଳିତ ବର୍ଷ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍.ବି.ଆଇ) ଗଭର୍ଣ୍ଣର ଶକ୍ତିକାନ୍ତ ଦାସ, କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ୍ ଅଫ୍ ଇଣ୍ଡିଆ(ସିଏଜି) ଗିରୀଶଚନ୍ଦ୍ର ମୁର୍ମୁ, ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସୁ ପଣ୍ଡ, ଭାଭା ଆଟୋମିକ୍ ରିସର୍ଚ୍ଚ ସେଣ୍ଟର(ବାର୍କ)ର ନିର୍ଦ୍ଦେଶକ ଅଜିତ୍ କୁମାର ମହାନ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଉପଦେଷ୍ଟା ଡ.ବିଜୟ କୁମାର ସାହୁଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯିବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସମାବର୍ତ୍ତନ ଉତ୍ସବର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଉତ୍କଳ ବିଶ୍ୱବିଦ୍ୟାଳୟର ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପାଇଁ ମନୋନୟନ ହୋଇଥିବା ସମସ୍ତ ବ୍ୟକ୍ତି ଏପ୍ରିଲ୍ ୩ରେ ଆସି ଡକ୍ଟରେଟ୍ ଡିଗ୍ରୀ ଉପାଧି ଗ୍ରହଣ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ୩ ଏପ୍ରିଲ୍ ୨୦୨୧ରେ ଅନୁଷ୍ଠିତ ହେବାକୁ ଥିବା ସମାବର୍ତ୍ତନ ଉତ୍ସବରେ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ମୋଟ ୪୧ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ଏବଂ ୯୦ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ଉତ୍ସବବିଶ୍ୱବିଦ୍ୟାଳୟ ନୂଆ ସମାବର୍ତ୍ତନ ପ୍ରେକ୍ଷାଳୟ 'ଦୀକ୍ଷାନ୍ତ ଭବନ'ରେ ଅନୁଷ୍ଠିତ ହେବ। ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା କୋଭିଡ୍ ନିୟମାବଳୀ ଏହି ସମାରୋହରେ କଡ଼ାକଡ଼ି ଭାବେ ପାଳନ କରାଯିବ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସମେତ ଛାତ୍ରଛାତ୍ରୀ ଯେଉଁମାନେ ମଞ୍ଚର ନିକଟବର୍ତ୍ତୀ ରହିବେ ସେମାନଙ୍କର ଆର୍‌ଟିପିସିଆର୍ ପରୀକ୍ଷା କରାଯିବ ଏବଂ ଅନ୍ୟ ସମସ୍ତଙ୍କ ପାଇଁ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ କରାଯିବ। ଯେଉଁମାନଙ୍କର କୋଭିଡ୍ ରିପୋର୍ଟ ନେଗେଟିଭ୍ ଆସିବ କେବଳ ସେମାନଙ୍କୁ ହିଁ ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ଉତ୍ସବରେ ଅଂଶଗ୍ରହଣ ପାଇଁ ଅନୁମତି ଦିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ରାଜ୍ୟର ପ୍ରାଚୀନତମ ବିଶ୍ୱବିଦ୍ୟାଳୟ। ଏହା ଓଡ଼ିଶାର ଗର୍ବ ଓ ଗୌରବ। ନିକଟକରେ ଏହା ଏନ୍.ଆଇଆର୍.ଏଫ୍. ର୍ୟାଙ୍କିଂରେ ୯୬ତମ ସ୍ଥାନ ପାଇଛି। ଶିକ୍ଷାର ସୁବ୍ୟବସ୍ଥା, ଅଧ୍ୟୟନର ଅନୁକୂଳ ପରିବେଶ, ଉଚ୍ଚତର ଗବେଷଣା ଲାଗି ଉପଯୁକ୍ତ କ୍ଷେତ୍ର ଅନୁଧାନ ପରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ନାକ୍ ଏ+ ମାନ୍ୟତା ମିଳିଛି। ଓଡ଼ିଶାରେ ନାକ୍ ଏ+ ମାନ୍ୟତା ପାଇବାରେ ଉତ୍କଳ ପ୍ରଥମ ବିଶ୍ୱବିଦ୍ୟାଳୟ ହୋଇଥିବାବେଳେ ଦେଶରେ ଷ୍ଟେଟ୍ ପବ୍ଲିକ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ତୃତୀୟ ସ୍ଥାନ ଅଧିକାର କରିଛି।

# ବିଜେପିର ମୟୂରଭଞ୍ଜ(ପୂର୍ବ) ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ପ୍ରଥମ କାର୍ଯ୍ୟକାରିଣୀ ବୈଠକ

ବାରିପଦା: ଭାରତୀୟ ଜନତା ପାର୍ଟିର ମୟୂରଭଞ୍ଜ(ପୂର୍ବ) ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ବାରିପଦା ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେ ଜିଲ୍ଲା ସଭାପତି କାନ୍ଦ୍ରା ସୋରେନଙ୍କ ଅଧ୍ୟକ୍ଷତାରେ ପ୍ରଥମ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଓଡ଼ିଶା ବିଧାନସଭାର ବିରୋଧୀ ଦଳର ଉପନେତା ତଥା ମୟୂରଭଞ୍ଜ ଜିଲ୍ଲା ପ୍ରଭାରୀ ବିଷ୍ଣୁ ଚରଣ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ରାଷ୍ଟ୍ରୀୟ ସମ୍ପାଦକ ତଥା ମୟୂରଭଞ୍ଜ ଲୋକସଭା ସାଂସଦ ଇଂ ବିଶ୍ୱେଶର ଟୁଡୁ, ରାଜ୍ୟ ଉପସଭାପତି ତଥା ଉଦଳା ବିଧାୟକ ଭାସ୍କର ମଢ଼େଇ, ମୟୂରଭଞ୍ଜ ଜିଲ୍ଲାପରିଷଦ ସଭାପତି ସୁଜାତା ମୁର୍ମୁ, ମୟୂରଭଞ୍ଜ(ପଶ୍ଚିମ) ସାଙ୍ଗଠନିକ ଜିଲ୍ଲା ସଭାପତି ତଥା ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଡ଼ା. ବୁଦ୍ଧାନ ମୁର୍ମୁ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଡ଼ା କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ବିଧାୟକ ପୁରୁଷୋତ୍ତମ ନାଏକ ଓ ବିରାମ ମୁର୍ମୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ମୋଦୀ, ପ୍ରମିଳା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଉପସଭାପତି ତଥା ପ୍ରବକ୍ତା ପ୍ରଦୀପ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ପରେ ଦିବଂଗତ ବରିଷ୍ଠ ନେତା ସୁବାଷ ପ୍ରଧାନ, ବୀରେନ୍ଦ୍ର ପ୍ରଧାନ, କାଳିଆନ ମାର୍ଣ୍ଡି ଓ ଦିଲ୍ଲୀପ ବିନ୍ଧାଣୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା । ଏହାପରେ ଜିଲ୍ଲା ଉପସଭାପତି ତଥା ବରିଷ୍ଠ ନେତା କବିବିଷ୍ଣୁ ଶତପଥୀ ୧୦ ଦଫା ସମ୍ବଳିତ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ ଓ ଏହାକୁ ସର୍ବସମ୍ମତି କ୍ରମେ ପାରିତ କରାଯାଇଥିଲା । ସେହିପରି ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ ନବ ନିର୍ବାଚିତ ଜିଲ୍ଲା ପଦାଧିକାରୀମାନଙ୍କ ସହିତ ୭ ମୋର୍ଚ୍ଚା ସଭାପତି, ୩୪ ମଣ୍ଡଳ ସଭାପତି ପ୍ରମୁଖଙ୍କ ନାମ ଘୋଷଣା କରିବା ପରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଅତିଥି ବିଷ୍ଣୁ ଚରଣ ସେଠୀ ଓ ସ୍ୱତନ୍ତ୍ର ଅତିଥି ଗୋଲକ ମହାପାତ୍ର ଚଳିତ ଏପ୍ରିଲ ୬ରେ ପାର୍ଟିର ପ୍ରତିଷ୍ଠା ଦିବସକୁ ସଫଳ କରାଇବା, ୧୪ରେ ସମରସତା ଦିବସ, ଜିଲ୍ଲା ଓ ମଣ୍ଡଳ ମୋର୍ଚ୍ଚା କମିଟି ଗଠନ, ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଆୟୋଜନ, ମଣ୍ଡଳ ପ୍ରଶିକ୍ଷଣ ଶିବିର ସମୀକ୍ଷା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ କୋଭିଡ଼-୧୯ ଟୀକା କରଣ ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ ।ଜିଲ୍ଲା ଉପସଭାପତି ତଥା ବରିଷ୍ଠ ନେତା ସୁନୀଲ ଦାଶ, ପ୍ରଦୀପ ପରିଡ଼ା, ପରେଶ ଚନ୍ଦ୍ର ମହାନ୍ତ, ଦୋଳଗୋବିନ୍ଦ ବେହେରା, ମମତା ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ର, ଜିଲ୍ଲା ସମ୍ପାଦକ ଟୁନାରାମ ଥୟାଲ, କୁମାର ମଙ୍ଗଳମ୍, ମମତା ମଣ୍ଡଳ, ଶିରିଶ ଚନ୍ଦ୍ର ମହାନ୍ତ, ବ୍ରଜ ମୋହନ ବେହେରା, ଦୀପକ କୁମାର ବେହେରା ପ୍ରମୁଖ ଉକ୍ତ କାର୍ଯ୍ୟକାରିଣୀ ବୈଠକ ପରିଚାଳନା କରିଥିଲେ।

## କଂଗ୍ରେସ ପକ୍ଷରୁ ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କକୁ ବିରୋଧ

ବାରିପଦା: ସରକାର ବିଦ୍ୟୁତ୍ ଶୁଳ୍କକୁ ପୁଣି ଥରେ ବୃଦ୍ଧି କରିଥିବାରୁ ଏହାକୁ କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି । ଏଣୁ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଉକ୍ତ ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତିବାଦ କରିବାକୁ ଆଗେଇ ଆସିଛନ୍ତି ଏବଂ ଏପ୍ରିଲ ୪ ରବିବାର ସନ୍ଧ୍ୟା ସାଢ଼େ ୬ରୁ ୭ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଅଧ ଘଣ୍ଟାଏ ପର୍ଯ୍ୟନ୍ତ ସମସ୍ତେ ବିଦ୍ୟୁତ୍ ବ୍ୟବହାର ନ କରିବା ପାଇଁ କଂଗ୍ରେସର ଜିଲ୍ଲା ସଭାପତି ହେମନ୍ତ ଦାସ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । କଂଗ୍ରେସ ସଭାପତି ଶ୍ରୀଦାସ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଓଡ଼ିଶା ସମଗ୍ର ଭାରତ ବର୍ଷରେ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଏକ ବଳକା ରାଜ୍ୟ । ଓଡ଼ିଶାଠାରୁ ଦିଲ୍ଲୀ ସରକାର ବିଦ୍ୟୁତ୍ କିଣି ବିଦ୍ୟୁତ୍ ଉପଭୁକ୍ତାମାନଙ୍କୁ ଓଡ଼ିଶାଠାରୁ ଶସ୍ତାରେ ବିଦ୍ୟୁତ୍ ଯୋଗାଇ ଦେଇ ଆସୁଥିବା ବେଳେ ଓଡ଼ିଶାରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ଓଡ଼ିଶା ସରକାର ରାଜ୍ୟବାସୀଙ୍କୁ ସେବା ଯୋଗାଇବା ନାମରେ ସିଧାସଳଖ ଭାବେ ଶୋଷଣ କରୁଛି । ଏହି ସମୟରେ କଂଗ୍ରେସ ନୀରଦ୍ରଷ୍ଟା ସାଜି ବସି ପାରିବ ନାହିଁ । ସରକାର ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କକୁ ତୁରନ୍ତ ପ୍ରତ୍ୟାହାର ନ କଲେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇ ଆସିବାକୁ ବାଧ୍ୟ ହେବ ବୋଲି କହିଛନ୍ତି ।

## ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ। ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁଃପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା। ଏହି ର୍ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧ୍ୟକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक






## କେନ୍ଦ୍ରାପଡା ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ଉତ୍କଳ ଦିବସ ପାଳିତ





କେନ୍ଦ୍ରାପଡା: କେନ୍ଦ୍ରାପଡା ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି । କୋଭିଡ ନିୟମ ଅନୁପାଳନ ପୂର୍ବକ ପୁରୁଣା ସିଭିଲ କୋର୍ଟ ପରିସରରେ ଥିବା ଜାତିର ପିତା ମହାତ୍ମାଗାନ୍ଧୀ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୁଦନ ଦାସ ଓ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଛି । ଏହି ଉପଲକ୍ଷେ ଜିଲ୍ଲାପାଳ ଅମ୍ରିତ ରତୁରାଜ, ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ମହାମନିଷିମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଜିଲ୍ଲା ଓକିଲ ସଙ୍ଘର ସଭାପତି ଆଶୁତୋଷ ମହାନ୍ତି, ଉପସଭାପତି ଜୀତେନ୍ଦ୍ର କୁମାର ମହାନ୍ତି, ସାଧାରଣ ସମ୍ପାଦକ ସେକ ଅଜିମୁଦ୍ଦିନ, ସହ ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ନିରାକାର ପ୍ରଧାନ, ଯୁଗ୍ମସମ୍ପାଦକ ତଥା ଲାଇବ୍ରେରୀଆନ ସୁଧାଂଶୁ ଶେଖର ମହାପାତ୍ର, କାର୍ଯ୍ୟକାରୀ ସମିତି ସଭ୍ୟା ସୌଦାମିନି ଜେନା ଓ ସୁବାଷ ଚନ୍ଦ୍ର ରାଉତ, ପୂର୍ବତନ ସଭାପତି ସରୋଜରାଜ ସିଂ, ପୂର୍ବତନ ସମ୍ପାଦକ ଗଗନବିହାରୀ ଜେନା, ଦେବଦାସ ମହାନ୍ତି, ପ୍ରଦୀପ୍ତ ଦାସ, ନିହାର ରଞ୍ଜନ ମହାପାତ୍ର, ରାଖେଲ ଶେଖର ଦାସ, ରମଣୀରଞ୍ଜନ ରାଉତରାୟ, ମିର ଅଫସର ଅଲ୍ଲୀ ବକ୍ସ, ସୁରେଶ ଚନ୍ଦ୍ର ନାୟକଙ୍କ ସମେତ ବହୁ ଆଇନଜୀବି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେହି ମହାମନିଷିମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରି ସ୍ମୃତିଚାରଣ କରିଥିଲେ ।

## ନାରାୟଣ ସେବା ସଂସ୍ଥାନ ଆତ୍ମୀୟ ମିଳନ ୪ରେ

ଭୁବନେଶ୍ୱର : ରାଜସ୍ଥାନ ଉଦୟପୁରସ୍ଥିତ ନାରାୟଣ ସେବା ସଂସ୍ଥାନ ପକ୍ଷରୁ ଆତ୍ମୀୟ ସ୍ନେହ ମିଳନ ପର୍ବ ଓ ଭାମାଶାହା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ କରାଯିବ। ଭୁବନେଶ୍ୱର ସତ୍ୟନଗର କାଳୀ ମନ୍ଦିର ନିକଟ ମଣ୍ଡପରେ ଆସନ୍ତା ଏପ୍ରିଲ ୪ତାରିଖ ସଂସ୍ଥାନ ସହ ଜଡ଼ିତ ତଥା ସେବା କାର୍ଯ୍ୟରେ ସାମିଲଥିବା ସଭ୍ୟ ମାନଙ୍କୁ ସମ୍ମାନ ପ୍ରଦାନ କରାଯିବ। ସଂସ୍ଥାର ପର୍ଯ୍ୟବେକ୍ଷକ ହେମନ୍ତ ମେଗବାଲ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ ଓ ବହୁ ବରିଷ୍ଠ ସଭ୍ୟ ଯୋଗଦେବେ। ପ୍ରକାଶ ଥାଉକି, ସଂସ୍ଥାନ ପକ୍ଷରୁ ରାଜସ୍ଥାନ ଉଦୟପୁରଠାରେ ପ୍ରତେହ୍ୟ ଶତାଧିକ ନିଶୁଳ୍କ ଅପରେସନ୍ କରି ବର୍ତ୍ତମାନ ସୁଦ୍ଧା ୪ଲକ୍ଷରୁ ଅଧିକ ଅପରେସନ୍ କରାଯାଇଛି। ସେହିପରି ଦିବ୍ୟାଙ୍ଗ ମାନଙ୍କୁ ତିନି ଚକିଆ ସାଇକେଲ୍ ପ୍ରଦାନ କରିବା ସହ ସେମାନଙ୍କ ଆତ୍ମନିର୍ଭଶୀଳ ପାଇଁ ବିଭିନ୍ନ କ୍ଷୁଦ୍ର ଅନୁଦାନ ପ୍ରଦାନ କରାଯାଉଛି। ଯାହା ଦ୍ୱାରା ସେମାନେ ଶିଳାଇ ଶିକ୍ଷା, ମୋବାଇଲ ଶିକ୍ଷା, କଂପ୍ୟୁଟର ଆଦି ବିଭିନ୍ନ ଶିକ୍ଷା ଲାଭ କରି ବର୍ଷକୁ ସାଢ଼େ ୪ହଜାରରୁ ଅଧିକ ଲୋକ ଆତ୍ମନିର୍ଭଶୀଳ ହୋଇପାରିଛନ୍ତି। ୧୯୮୫ମସିହାରେ କୈଳାସ ମାନବଙ୍କ ଦ୍ୱାରା ଗୋଟିଏ ଗୋଟିଏ ମୁଠା ଗହମ ସଂଗ୍ରହ ଦ୍ୱାରା ଆରମ୍ଭ ହୋଇଥିବା ଏହି ସଂସ୍ଥା ଏବେ ପ୍ରଶାନ୍ତ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ପ୍ରତ୍ୟେହ ଶତାଧିକ ଭିନ୍ନକ୍ଷମ ଓ ଗରିବ ରୋଗୀ ଉପକାର ପାଉଛନ୍ତି ।

## ସରସ୍ୱତୀ କଳାପରିଷଦ ତରଫରୁ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନକୁ ସମ୍ବର୍ଦ୍ଧନା





ଭୁବନେଶ୍ୱର: କଟକସଦର ବ୍ଲକ୍ କନ୍ଦରପୁର ଗ୍ରାମର ସରସ୍ୱତୀ କଳାପରିଷଦର ୧୭ତମ ସମାବର୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପ୍ରତିଭା ଶତପଥି ପୌରହିତ୍ୟ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଅଶୋକ ପଟ୍ଟନାୟକ, ଉପସଭାପତି ପ୍ରଫୁଲ୍ଲ ଦାସ, ତୈତାରୀ ପ୍ରଧାନ, ସଂଯୋଜକ ଚକ୍ରବର୍ତୀ ଓତା, ପ୍ରଲବ୍ୟ ମହପାତ୍ର, ସଂଧ୍ୟାରାଣୀ ଦାସ, ବାବୁଲି ପାତ୍ର, ପବନି ଓଝା, ଶ୍ରୀଧର ସ୍ୱାଇଁ, ଶ୍ରୀକାନ୍ତ ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଭାପତି ପ୍ରତିଭା ଶତପଥି ତାଙ୍କ ଅଭିଭାଷଣରେ ସରସ୍ୱତୀ କଳା ପରିଷଦ କଳା ଓ କଳାକାରମାନଙ୍କୁ ଅନ୍ୱେଷଣ କରି ସେମାନଙ୍କୁ ଉତ୍ସାହିତ ଏବଂ ସମ୍ବର୍ଦ୍ଧିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ପରେ କଟକସଦରରେ ଅଗ୍ରଣୀ ଅନୁଷ୍ଠାନ ଭାବରେ ୪୨ମୌଜାସ୍ଥ ପଟଣା ଗ୍ରାମରେ ଥିବା ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ଏବଂ ଆନନ୍ଦ ନୃସିଂହ ସ୍ମୃତି ସଂସଦ ପୂଜ୍ୟପୂଜାର ଗୌରବକୁ ବଜାୟ ରଖିଥିବା ସହ କଟକସହର ତଥା ସଦର ଅଂଚଳରେ ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସମ୍ମାନ ଜଣାଇ ପୂଜ୍ୟପୂଜାର ଆୟୋଜନ କରୁଥିବା ହେତୁ ସରସ୍ୱତୀ କଳା ପରିଷଦ ଦ୍ୱାରା ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ଓ ଆନନ୍ଦ ନୃସିଂହ ସ୍ମୃତି ସଂସଦର କାର୍ଯ୍ୟକଳାପରେ ଆନନ୍ଦିତ ହୋଇ ଏହି ଅନୁଷ୍ଠାନ ଏବଂ ଏହାର କର୍ମକର୍ତା ସଭାପତି ସରୋଜ ନଳିନୀ ପରିଜା, କାର୍ଯ୍ୟକାରୀ ସଭାପତି ଶ୍ରମିକ ନେତା ଇଂ ଅଶୋକ କୁମାର ବିଶ୍ୱାଳ, ମହାସଚିବ ରୁଦ୍ରନାରାୟଣ ଦାସ, ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି, ଉପଦେଷ୍ଟା ତଥା ପୂର୍ବତନ ସରପଂଚ ବିନୋଦ ବେହେରା ଆଦି ମାନଙ୍କୁ ସରସ୍ୱତୀ କଳାପରିଷଦର ସଭପତି ପ୍ରତିଭା ଶତପଥି ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ୪୨ମୌଜା ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ଇଂ ଅଶୋକ ବିଶ୍ୱାଳ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ ଯେଉଁ ଦେଶ ଓ ଜାତି ତାହାର ସଭ୍ୟତା , କଳା, ଭାସ୍କର୍ଯ୍ୟ ଓ ତାହାର ପରମ୍ପରାକୁ ଉପଯୁକ୍ତ ସମ୍ମାନ ନଜଣାଏ ତେବେ ସେ ଦେଶ ଓ ଜାତିର ବିକାଶ ଅସମ୍ଭବ । ତେଣୁ ପ୍ରାଥମିକ ଭାବରେ ସଭ୍ୟତା, କଳା , ଭାସ୍କର୍ଯ୍ୟ ଓ ପରମ୍ପରାକୁ ସମ୍ମାନ ଦେବା ମୁଖ୍ୟ ଉଦ୍ଦେଶ୍ୟ ରହିବା ଉଚ୍ଚିତ । ଶେଷରେ ଇଂ ଶ୍ରୀ ବିଶ୍ୱାଳ ଅନୁଷ୍ଠାନ ତରଫରୁ ସରସ୍ୱତୀ କଳାପରିଷଦର ଏତାଦୃଶ କାର୍ଯ୍ୟ ପାଇଁ କୃତଜ୍ଞତା ଜ୍ଞାପନ କରିବା ସହିତ କଳାପରିଷଦର ଉତରୋତର ଉନ୍ନତି ପାଇଁ ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

## ଏଣିକି ଲଟେରୀ ଜରିଆରେ ପ୍ରଦାନ କରାଯିବ ବିଦେଶୀ ମଦ ଦୋକାନ ଲାଇସେନ୍ସ

ଗଞ୍ଜାମ: ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ବିଦେଶୀ ମଦ ଦୋକାନ ଲାଇସେନ୍ସ ଏଣିକି ଲଟେରୀ ଜରିଆରେ ପ୍ରଦାନ କରାଯିବ ବୋଲି ସରକାର ନିଷ୍ପତି ନେଇଛନ୍ତି । ଏହି ନିଷ୍ପତି କ୍ରମେ ଅନ୍ ଲାଇନ୍ ଯୋଗେ ଆବେଦନକାରୀ ନିର୍ଦ୍ଧାରିତ ଫର୍ମ ଦାଖଲ କରି ଆବେଦନ କରିଛନ୍ତି । ରାଜସ୍ୱ ବୃଦ୍ଧି ଉଦ୍ଦେଶ୍ୟ ନେଇ ରାଜ୍ୟ ସରକାର ଏଭଳି ନିଷ୍ପତି ନେଇଥିବା କୁହାଯାଇଛି ।

## ଭଞ୍ଜସେନା ପକ୍ଷରୁ ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାରମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ

ବାରିପଦା: ସମଗ୍ର ଓଡ଼ିଶା ଓ ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଦିବସ ହୋଇଥିବା ସମୟରେ ୧୯୩୬ ଅପ୍ରେଲ ୧ରେ ଓଡ଼ିଶା ଭାରତର ଏକାଦଶ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା । ଏଥି ସହିତ ସମଗ୍ର ଭାରତରେ ଓଡ଼ିଶା ସର୍ବପ୍ରଥମ ଭାଷାଭିତିକ ରାଜ୍ୟ ଭାବେ ସ୍ୱିକୃତି ପାଇବା ସାଙ୍ଗକୁ ଦେଶରେ ସ୍ୱତନ୍ତ୍ର ପରିଚୟ ପାଇଥିଲା । ଓଡ଼ିଶାବାସୀ ଉତ୍କଳ ଦିବସ ପାଳନ କରୁଥିବା ବେଳେ ମୟୂରଭଞ୍ଜ ମାଟିର ଗାଥା ଓ କଥା ଚିରସ୍ମରଣୀୟ ଓ ବନ୍ଦନୀୟ । ଉତ୍କଳକୁ ଭାଷାଭିତିକ ରାଜ୍ୟର ମାନ୍ୟତା ସହ ଓଡ଼ିଆ ଭାଷା ସାହିତ୍ୟକୁ ପ୍ରଚାର କରାଇବାରେ ମୟୂରଭଞ୍ଜ ମାଟିର ସୁନାମଧନ୍ୟ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଦାନ ଅତୁଳନୀୟ । ସେହିପରି ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ଥିବା ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ସହିତ ଓଡ଼ିଶାର ପ୍ରଥମ ବାରିଷ୍ଟର ତଥା ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣୀ ମଧୁବାବୁ, ଉତ୍କଳମଣି ଗୋପବନ୍ଧୁ ଦାଶଙ୍କର ଅବଦାନରେ ଆଜି ପ୍ରତିଟି ଓଡ଼ିଶାବାସୀ ନିଜକୁ ଓଡ଼ିଆ କହି ଗର୍ବ କରି ମୁଣ୍ଡଟେକି ଚାଲୁଛି । ଏହି ମହାନ୍ ପୁରୁଷମାନଙ୍କୁ ଆଜିର ଦିନରେ ମନେ ପକାଇ ଜିଲ୍ଲାର ଅଗ୍ରଣୀ ଯୁବ-ଛାତ୍ର ସଂଗଠନ ଭଞ୍ଜସେନା ପକ୍ଷରୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ବାରିପଦା ସହରର ବିଭିନ୍ନ ସ୍ଥାନରେ ଥିବା ମହାନ ପୁରୁଷମାନଙ୍କ ପ୍ରତିମୂର୍ତିରେ ମାଲ୍ୟାପ୍ରଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଭଞ୍ଜସେନା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟିଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଯୁବ-ଛାତ୍ର ସଂଯୋଜକ ରାକେଶ ବେହେରା, ଯୁବ ସଭାପତି ମାନସ ବେହେରା, ଛାତ୍ର ଉପସଭାପତି ରୁଦ୍ର ପଟ୍ଟନାୟକ, ଛାତ୍ର ସମ୍ପାଦକ ସଞ୍ଜୟ ମାହାର୍ଣ୍ଣା, ଛାତ୍ର ସଂଘର ସଭାପତି ସଞ୍ଜୟ ମହାନ୍ତ, ଉମେଶ ପ୍ରଧାନ, ଛାତ୍ର ନେତା ଶମ୍ଭୁନାଥ ରଣା, ସୁନୀଲ ମହାପାତ୍ର, ହ୍ରିତିକ ନାଥ, ସୋମନାଥ ପାଲ, ଚନ୍ଦନ ଦେ, ସନ୍ତୋଷ କୁମାର ଦେ, ମନୋଜ ନାଏକ, ସୂର୍ଯ୍ୟ ନାରାୟଣ ସିଂ, ରିଙ୍କୁ ମହାନ୍ତ, ସତ୍ୟରଞ୍ଜନ ରାଉତ ପ୍ରମୁଖଙ୍କ ସମେତ ସେନାର ଶତାଧିକ କର୍ମକର୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ ।

## ନାବାଳିକାଙ୍କୁ ଦୁଷ୍କର୍ମ ମାମଲା : ଯୁବକ ଗିରଫ

ଗଞ୍ଜାମ: ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗୋପାଳପୁର ଥାନା ପୋଲିସ ଏନ୍. ଧର୍ମା ନାମକ ଜଣେ ଯୁବକକୁ ଗିରଫ କରିଛି । ନାବାଳିକାଙ୍କ ବାପା ଆଣିଥିବା ଅଭିଯୋଗ ଅନୁଯାୟୀ, ପୋଲିସ ସମ୍ପୃକ୍ତ ଯୁବକକୁ ଅଟକ ରଖି ପଚରା ଉଚୁରା କରିବା ସହ ପୀଡ଼ିତା ନାବାଳିକାଙ୍କ ବୟାନ ରେକର୍ଡ଼ କରିଛି । ନାବାଳିକାଙ୍କ ଡ଼ାକ୍ତରୀ ମାଇନା କରି କେସ୍ ନଂ ୫୭/୨୧ ରେ ଧାରା ୩୭୬, ୩୨୩, ୩୦୭,୨୪/୬ ରେ ଶିଶୁ ଯୌନ ନିରୋଧ ଆଇନ ବଳରେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ।

## ଫାଣ୍ଟାସି ସ୍ପୋର୍ଟସ୍‌ର ବିକାଶକୁ ଗୁରୁତ୍ୱ ଦେଇ ଆଇଏଫ୍ଏସ୍‌ଜି, ଏଫ୍ଆଇଏଫ୍ଏସ୍‌କୁ ପରିବର୍ତ୍ତିତ

ଭୁବନେଶ୍ୱର: ଇଣ୍ଡିଆନ୍ ଫେଡେରେସନ ଅଫ୍ ସ୍ପୋର୍ଟସ ଗେମିଙ୍ଗ୍ (ଆଇଏଫ୍ଏସ୍‌ଜି) ପକ୍ଷରୁ ଏହାର ନାମ ପରିବର୍ତ୍ତନ ସମ୍ପର୍କରେ ଘୋଷଣା କରାଯାଇଛି । ଆଇଏଫ୍ଏସ୍‌ଜି ଏହାର ନାମକୁ ଫେଡେରେସନ ଅଫ୍ ଇଣ୍ଡିଆନ୍ ଫାଂଟାସି ସ୍ପୋର୍ଟସ୍ (ଏଫ୍ଆଇଏଫ୍ଏସ୍)କୁ ପରିବର୍ତ୍ତନ କରିଛି । ଆଇଏଫ୍ଏସ୍‌ଜି ତଥା ବର୍ତ୍ତମାନର ଏଫ୍ଆଇଏଫ୍ଏସ୍‌କୁ ୨୦୧୭ରେ ପ୍ରତିଷ୍ଠା କରାଯାଇଥିଲା; ଯାହାର ଉଦ୍ଦେଶ୍ୟ ଥିଲା କୌଶଳ ଆଧାରିତ ସମସ୍ତ ପ୍ରକାରର ଅନ୍‌ଲାଇନ୍ ସ୍ପୋର୍ଟସ୍ (ଯେଉଁଥିରେ ଇ-ସ୍ପୋର୍ଟସ୍, ଫାଂଟାସି ସ୍ପୋର୍ଟସ୍ ଓ କାଜୁଆଲ ସ୍ପୋର୍ଟସ୍ ଗେମ୍ ଆଦି ସାମିଲ ରହିଛି)ର ସ୍ପୋର୍ଟସ୍ ଗେମିଙ୍ଗ୍ ଇଣ୍ଡଷ୍ଟ୍ରୀକୁ ସ୍ୱ-ନିୟନ୍ତ୍ରିତ କରିବା।

## ମେଡିକା ସୁପରସ୍ପେଶାଲିଟି ହସ୍‌ପିଟାଲ କୋଭିଡ ଯୋଦ୍ଧାଙ୍କୁ ନୂଆ ଜୀବନ ଦେଲା





କୋଲକାତା/ ଭୁବନେଶ୍ୱର : ମୃତ୍ୟୁଭଳି ସ୍ଥିତିରେ ପ୍ରାୟ ୪୪ ଦିନ ରହିବାପରେ ମେଡିକା ସୁପରସ୍ପେଶାଲିଟି ହସ୍‌ପିଟାଲର ଦକ୍ଷ ଇଣ୍ଟେନ୍‌ସିଭ କେୟାର ମେଡିକାଲ ଟିମ୍ ଚଳିତ ମହାମାରୀ ସମୟରେ ନିୟମିତ ଭାବରେ କୋଭିଡ ରୋଗୀଙ୍କର ଚିକିତ୍ସା କରୁଥିବା ସମ୍ମୁଖଭାଗର ଜଣେ କୋଭିଡ ଯୋଦ୍ଧା ଡା.ରିଜ୍ୱାନ୍ ଅଖ୍ତର ସାଦିକିଙ୍କ ଜୀବନ ବଞ୍ଚାଇପାରିଛନ୍ତି ଏବଂ ମାର୍ଚ୍ଚ ୭ତାରିଖରେ ସେ ହସ୍‌ପିଟାଲରୁ ଘରକୁ ଫେରିଛନ୍ତି । ୬୦ବର୍ଷ ବୟସ୍କ ଡା.ସାଦିକି କୋଭିଡ ୧୯ ନିମୋନିଆରେ ଆକ୍ରା' ହୋଇ ଗୁରୁତର ଅବସ୍ଥାରେ ଚଳିତ ବର୍ଷ ଜାନୁଆରୀ ୨୩ ତାରିଖରେ ମେଡିକା ସୁପରସ୍ପେଶାଲିଟି ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ । ହସ୍‌ପିଟାଲକୁ ଅଣାଯିବା ସମୟରେ ତାଙ୍କର ସାଚୁରେସନ୍ ସ୍ତର ୮୦%ରୁ ତଳକୁ ରହୁଥିଲା । ପ୍ରଥମ ଦିନରୁ ଡା.ସାଦିକିଙ୍କୁ ହାଇ ଫ୍ଲୋ ଅକ୍ସିଜେନ୍ ଦ୍ୱାରା ଚିକିତ୍ସା କରାଯାଉଥିଲେ ମଧ୍ୟ ତାଙ୍କର ଦ୍ରୁତ ଆରୋଗ୍ୟ ନିମନ୍ତେ ମେଡିକାର ଚିକିତ୍ସକମାନେ ଜରୁରୀକାଳୀନ ଭିତ୍ତିରେ ଆୱେକ ପ୍ରୋନିଂ ଚିକିତ୍ସା ଆରମ୍ଭ କରିଥିଲେ । ଏହି ପଦ୍ଧତିରେ ରୋଗୀଙ୍କୁ ପେଟମାଡି ଶୋଇବାକୁ କୁହାଯାଇଥାଏ, ଯାହା ଫୁସଫୁସ ସଂଚାଳନରେ ଉନ୍ନତି ଆଣିବା ସହିତ ଶରୀର ମଧ୍ୟକୁ ଅମ୍ଳଜାନ ଅଧିକ ପ୍ରବେଶ କରିବାରେ ସହାୟକ ହୋଇଥାଏ । ତେବେ ମେଡିକାର ଚିକିତ୍ସକମାନେ ଲକ୍ଷ୍ୟ କଲେ ଯେ ତାଙ୍କର ଅମ୍ଳଜାନ ସାଚୁରେସନ୍ ସ୍ତରରେ ଅବକ୍ଷୟ ଘଟୁଛି ଏବଂ ତାଙ୍କୁ ଇନ୍‌ଟ୍ୟୁବେଟେଡ୍ ଏବଂ ଭେଣ୍ଟିଲେଟେଡ୍ କରିବାକୁ ପଡିବ । ଅତ୍ୟନ୍ତ ଯତ୍ନର ସହିତ ନିରୀକ୍ଷଣ ଏବଂ ପୁନଃଆକଳନ କରାଯିବା ପରେ ଡା.ସାଦିକିଙ୍କୁ ପ୍ରୋନ୍ ଭେଣ୍ଟିଲେସନ୍‌ରେ ରଖାଗଲା । ତେବେ ତାଙ୍କର ଅମ୍ଳଜାନ ସ୍ତରରେ ପୁନର୍ବାର ହ୍ରାସ ପରିଲକ୍ଷିତ ହେଲା ଏବଂ ସର୍ବାଧିକ ଭେଣ୍ଟିଲେଟର ସମର୍ଥନ ପ୍ରତି ମଧ୍ୟ ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରୁନଥିଲେ, ଯଦ୍ଦ୍ୱାରା ତାଙ୍କ ଜୀବନ ରକ୍ଷାପାଇଁ ଚଳିତ ବର୍ଷ ଫେବ୍ରୁଆରୀ ୪ ତାରିଖରେ ଡା. ଅର୍ପଣ ଚକ୍ରବର୍ତ୍ତୀ ଏବଂ ଡା.ଦୀପାନ ଚାଟାର୍ଜୀଙ୍କ ନେତୃତ୍ୱରେ ଗଠିତ ମେଡିକା ଇସିଏମ୍‌ଓ ଟିମ୍ ତାଙ୍କୁ ଭେନୋ ଭେନସ୍ ଇସିଏମ୍‌ଓ (ଏକ୍ସଟ୍ରାକର୍ପୋରିଆଲ୍ ମେମ୍ବ୍ରେନ ଅକ୍ସିଜେନେସନ) ବ୍ୟବସ୍ଥାରେ ରଖିବାକୁ ପଦକ୍ଷେପ ନେଲେ । ଏହାପରେ କ୍ରମଶଃ ତାଙ୍କର ଫୁସଫୁସ କାର୍ଯ୍ୟକାରିତାରେ ଉନ୍ନତି ଲକ୍ଷ୍ୟ କରାଗଲା ଏବଂ ତାଙ୍କୁ ଫେବ୍ରୁଆରୀ ୧୫ ତାରିଖରେ ଇସିଏମ୍‌ଓରୁ ବାହାରକୁ ଅଣାଗଲା । କୋଭିଡ ଯୋଦ୍ଧା ଡା.ସାଦିକିଙ୍କ ଜୀବନ ରକ୍ଷା ସମ୍ପର୍କରେ ବିସ୍ତୃତ ଭାବେ ପ୍ରକାଶକରି ମେଡିକା ସୁପରସ୍ପେଶାଲିଟି ହସ୍‌ପିଟାଲର ଇସିଏମ୍‌ଓ ଚିକିତ୍ସକ ଡା.ଅର୍ପଣ ଚକ୍ରବର୍ତ୍ତୀ କହିଛନ୍ତି, 'ଜଣେ କୋଭିଡ ଯୋଦ୍ଧା ଯେତେବେଳେ ଏହି ଭୟାନକ ରୋଗର ଫାଶରେ ପଡିଯାଆନ୍ତି ସେତେବେଳେ ଲଢେଇ ଲଢିବା ଏକ ଚାଲେ ହୋଇଯାଏ । ଆମେ ଅତ୍ୟ' ଭାଗ୍ୟବାନ୍ ଯେ ଶେଷରେ ଡା.ସାଦିକି ଏହି ଲଢେଇରେ ବିଜୟୀ ହୋଇପାରିଛନ୍ତି । ତାଙ୍କ ପରିବାରବର୍ଗ, ଭାରତ ଏବଂ ବିଦେଶରେ ଥିବା ତାଙ୍କ ବନ୍ଧୁପରିଜନଙ୍କ ନିକଟରେ ଆମେ କୃତଜ୍ଞ, ଯେଉଁମାନେ ଏହି ଦୀର୍ଘ ଲଢେଇରେ ଆମ ସହିତ ସହଯୋଗ କରିଛନ୍ତି ଏବଂ ସମଭାବରେ ସହଭାଗି ହୋଇଛନ୍ତି ।'

## ସତିଗୁଡା ଜଳଭଣ୍ଡାରରେ ପକ୍ଷୀ ଗଣନା

ମାଲକାନଗିରି: ମାଲକାନଗିରି ସଦର ମହକୁମା ଠାରୁ ୫ କି.ମି ଦୂରରେ ସତୀଗୁଡା ଜଳ ଭଣ୍ଡାର କ୍ଷ ସୁନୀଳ ବିସ୍ତିର୍ଣ୍ଣ ଢେଉ ଢେଉକା ଜଳ ରାଶିରେ ଜାତି ଜାତିକ ଜଳଚର ବିହଙ୍ଗଙ୍କ କାକଳୀ ଦର୍ଶକମାନଙ୍କୁ ବିମୋହିତ କରିଥାଏ । ସତୀଗୁଡା ଜଳଭଣ୍ଡାରକୁ ଲାଗି ପରିବେଶୀୟ ପର୍ଯ୍ୟଟନ ସ୍ଥଳୀ । ଏହି ଶୀତ ଋତୁରେ ପର୍ଯ୍ୟଟକଙ୍କ ଭିଡ ଜମୁଥାଏ ବଣ ଭୋଜି ପାଇଁ । ବିସ୍ତର୍ଣ୍ଣ ନୀଳ ଜଳ ରାଶିରେ ନୌକା ବିହାର ସହ ନାନା ରଙ୍ଗର ଜଳ ଚରପକ୍ଷୀଙ୍କ ସନ୍ତରଣ ଦର୍ଶକମାନଙ୍କ ଚିତକୁ ପ୍ରକୃତିକ ସୌନ୍ଦର୍ଯ୍ୟରେ ବିମୋହିତ କରୁଥାଏ । ଏଣୁ ଏଠି ଜନ ସମାଗମ ହୋଇ ଥାଏ କେବଳ ପ୍ରକୃତିକ ଅପରୂପକୁ ଉପଭୋଗ କରିବା ପାଇଁ । ଶୀତ ଋତୁର ଆଗମନ ହେଲେ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଆଜି ମାଲକାନଗିରି ବନାଂଚାଳ କର୍ମଚାରୀଙ୍କ ଦ୍ୱାରା ନିକଟସ୍ଥ ସତୀଗୁଡା ଜଳ ଭଣ୍ଡାରରେ ପକ୍ଷୀଗଣନା କାର୍ଯ୍ୟ ସମାପ୍ତ ହୋଇଯାଇଛି । ପ୍ରତି ବର୍ଷ ପରି ୨୦୨୧ ଜାନୁଆରୀ ପ୍ରଥମ ସପ୍ତାହରେ ପକ୍ଷୀ ଗଣନା କାର୍ଯ୍ୟ ବନ ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଥାଏ । ମାଲକାନଗିରି ନିକଟସ୍ଥ ସତୀଗୁଡା ଜଳ ଭଣ୍ଡାରରେ ଏ ବର୍ଷ ୨ ହଜାର ୧୪୯ ଗୋଟି ବିଭିନ୍ନ ପ୍ରଜାତିର ପକ୍ଷୀ ଗଣନା କରାଯାଇଛି କ୍ଷ ତନ୍ମଧ୍ୟରୁ ନୂତନ ଭାବେ ଦୁଇ ଗୋଟି ପ୍ରଜାତିର ବିଦେଶାଗତ ପକ୍ଷୀ ସତୀଗୁଡା ଜଳ ଭଣ୍ଡାରରେ ଦେଖିବାକୁ ମିଳିଛି । ପ୍ରାପ୍ତ ସୂଚନା ଅନୁସାରେ ପାଣି କୁଆ ୭୫ଟି, ଛୋଟ ପାଣିକୁଆ ୧୩୫ ଟି ,ପାଣି ବଗ ୭ଟି , ବଗ ୧୧୦ଟି, ବଡ ବଗ ୧୪ଟି, ଛୋଟ ପାଣି ଡୁବୁକି ୧୫୩ଟି, ମାଟିଆ ଡୁବୁକି ୭୫୧ଟି, ହଂସରାଳୀ ୫୫୫ଟି , ସାରସ ୧୩ଟି, ଟିଟିଆଁ ୫ଟି, ଗୁଡି ପକ୍ଷୀ ୨୦୩ଟି, କଜଳ ପାତି ୧୮ଟି, ବିଦେଶାଗତ ପକ୍ଷୀ ୯୦ଟି, ଅନ୍ୟ ପ୍ରଜାତିର ବିଦେଶାଗ ପକ୍ଷୀ ୨୦ଟି ଗଣନା କରାଯାଇଛି । ୨୦୧୯ ମସିହାରେ ୨ ହଜାର ୧୧୭, ୨୦୨୦ ମସିହାରେ ୧୫୮୮ଟି ପକ୍ଷୀ ସତୀଗୁଡା ଜଳ ଭଣ୍ଡାରରେ ଗଣନା କରାଯାଇଥିଲା । ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ୫୬୧ ଟି ପକ୍ଷୀ ସଂଖ୍ୟା ସତୀଗୁଡା ଜଳ ଭଣ୍ଡାରରେ ବୃଦ୍ଧି ପାଇଛି । ଏହି ପକ୍ଷୀ ଗଣନା କାର୍ଯ୍ୟରେ ଏସିଏଫ ଶ୍ରୀକାନ୍ତ ନାୟକ, ମାଲକାନଗିରି ବନାଂଚଳ ଅଧିକାରୀ ବାସୁଦେବ ନାୟକ, ବନପାଳ ମୂରଲୀଧର ଅନଗୁଳିଆ, ମୋହନ ଗୁଡିଆ, ରାଜେଶ କୁମାର ସେଠୀ, ହୃଷିକେଶ ପାଣିଗ୍ରାହୀ, ବନରକ୍ଷୀ ରବି ନାରାୟଣ ଖଣ୍ଡୁଆଳ, ପି.ସନ୍ତୋଷ କୁମାର, ମନତୋଷ ଦେଏ ଏବଂ ସାରୁ କୱାସୀ ଯୋଗ ଦେଇଥିଲେ !


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray